ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.176 Bhubaneswar Sunday August 20 2023 | ୨୬ତମ ବର୍ଷ ସଂଖ୍ୟା-୧୭୬ ଭୁବନେଶ୍ୱର, ରବିବାର, ଅଗଷ୍ଟ ୨୦, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ପାଣ୍ଡିଆନଙ୍କୁ କାଳିମାଡ: ସୁରକ୍ଷାଜନିତ ତ୍ରୁଟି ପାଇଁ ଦାୟୀ କିଏ ?



ଭୁବନେଶ୍ୱର,୧୯।୮(ପିଏନ):ମୁଖ୍ୟମନ୍ତ୍ରୀଙ୍କ ସଚିବ ଭିକେ ପାଣ୍ଡିଆନଙ୍କୁ ଆଜି ପୁରୀ ଜିଲ୍ଲାର ସତ୍ୟବାଦୀ କଲେଜ ପଡିଆଠାରେ ଏକ ସାଧାରଣ ସଭାକୁ ଯିବାବେଳେ କାଳିମାଡ ହୋଇଛି । ଶହଶହ ପୁଲିସ,ବ୍ୟକ୍ତିଗତ ସୁରକ୍ଷାକର୍ମୀ ଓ ବରିଷ୍ଠ ପୁଲିସ ଅଧିକାରୀଙ୍କ ଉପସ୍ଥିତି ହଜାର ହଜାର ଲୋକଙ୍କ ସମ୍ମୁଖରେ ଶ୍ରୀ ପାଣ୍ଡିଆନଙ୍କୁ ଜଣେ ବ୍ୟକ୍ତି କାଳିମାଡ କରିବା ଘଟଣା ଏବେ ରାଜ୍ୟରେ ଚହଳ ପକାଇଛି । ଏହି କାଳିମାଡକୁ ଦଳମତ ନିର୍ବିଶେଷରେ ସମସ୍ତେ ନିନ୍ଦା କରୁଛନ୍ତି, ମାତ୍ର ଏତେ କଡା ସୁରକ୍ଷା ମଧ୍ୟରେ ଥାଇ ମଧ୍ୟ ଶ୍ରୀ ପାଣ୍ଡିଆନଙ୍କ ଉପରକୁ ଯେଉଁ କାଳିମାଡ ହେଲା, ସେଥିପାଇଁ କିଏ ଦାୟୀ ଓ କାହିଁକି ସୁରକ୍ଷାରେ ଏଭଳି ଗୁରୁତର ତ୍ରୁଟି ହେଲା ତାକୁ ନେଇ ଏବେ ସବୁଠି ଚର୍ଚ୍ଚା । ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀଙ୍କ ସଚିବ ତଥା ଫାଇଭଟି ସଚିବ ଶ୍ରୀ ପାଣ୍ଡିଆନ ଗତ ଦୁଇଦିନ ଧରି ପୁରୀ ଜିଲ୍ଲାଗସ୍ତରେ ରହିଛନ୍ତି । ଆଜି ସତ୍ୟବାଦୀ କଲେଜ ପଡିଆଠାରେ ଏକ ସାଧାରଣ ସଭା (ଅଭିଯୋଗ ଶୁଣାଣି) କାର୍ଯ୍ୟକ୍ରମ ଥିଲା । ସଭାସ୍ଥଳକୁ ଯିବାବେଳେ ହିଁ ପଡିଆ ନିକଟରେ କଣାସ ଅଂଚଳର ଭାସ୍କର ସାହୁ ନାମକ ଜଣେ ବ୍ୟକ୍ତି କାଳିମାଡ କରିଥିଲେ । ଲୋକଙ୍କ ଗହଳି ମଧ୍ୟରେ ଥାଇ ଶ୍ରୀ ସାହୁ ଯେଉଁ କାଳି ଫୋପାଡି ଥିଲେ ତାହା ଉଭୟ ଶ୍ରୀ ପାଣ୍ଡିଆନ ଓ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ମୁହଁ ଓ ଦେହରେ ପଡିଥିଲା । ଅବଶ୍ୟ କାଳିମାଡ ପରେ ପୁଲିସ ସଙ୍ଗେସଙ୍ଗେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କାବୁ କରି ଗିରଫ କରିଥିଲା । ଆଉ ଉଭୟ ଅଫିସର ଚିରାଚରିତ ଢଙ୍ଗରେ ସେଠାରେ ଉପସ୍ଥିତ ଲୋକଙ୍କୁ ଭେଟିଥିଲେ । ମାତ୍ର ଏତେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ ଥାଇ ମଧ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ସଚିବଙ୍କୁ କାଳିମାଡ କରାଯିବାକୁ ନେଇ ରାଜ୍ୟ ପୁଲିସ ପ୍ରଶାସନର କାର୍ଯ୍ୟଶୈଳୀ ଓ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ସଚିବ ଶ୍ରୀ ପାଣ୍ଡିଆନଙ୍କୁ ବିଭିନ୍ନ ସ୍ଥାନରେ କଳାପତାକା ପ୍ରଦର୍ଶନ କରାଯିବା ପରଠୁ ତାଙ୍କ ସୁରକ୍ଷାକୁ ଅଧିକ କଡାକଡି କରାଯାଇଥିଲା ।ସୂତ୍ର ଅନୁସାରେ ଶ୍ରୀ ପାଣ୍ଡିଆନ ଯେଉଁ ଜିଲ୍ଲା ଗସ୍ତରେ ଯାଇଥାନ୍ତି ତା'ର ପ୍ରାୟ ଏକ ସପ୍ତାହ ପୂର୍ବରୁ ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ସହ ମିଶି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୁରକ୍ଷା ଓ ଅନ୍ୟାନ୍ୟ ବ୍ୟବସ୍ଥାର ଟିକିନିଖି ତଦାରଖ କରିଥାନ୍ତି । ଏପରିକି ସମ୍ପୃକ୍ତ ଜିଲ୍ଲାର ଶାସକ ବିଜେଡିର ବିଧାୟକ ଓ ସାଂସଦ ବି ବନ୍ଦୋବସ୍ତର ତଦାରଖ କରି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରୟାସ କରିଥାନ୍ତି । ଶ୍ରୀ ପାଣ୍ଡିଆନ ଯେଉଁ ଜିଲ୍ଲାକୁ ଯାଇଥାନ୍ତି ତାଙ୍କ ଗାଡିକୁ ପ୍ରାୟ ୧୨ରୁ ୧୫ଟି ଗାଡିରେ ସୁରକ୍ଷାକର୍ମୀ ଏସକର୍ଟ କରିଥାନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭଳି ତାଙ୍କୁ ମଧ୍ୟ ସୁରକ୍ଷା ଯୋଗାଇ ଦିଆଯାଇଥାଏ । ଏପରିକି ମୁଖ୍ୟମନ୍ତ୍ରୀଙ୍କ ତୁଳନାରେ ଜିଲ୍ଲାଗସ୍ତ ବେଳେ ଅଧିକ ସୁରକ୍ଷାଘେରରେ ଶ୍ରୀ ପାଣ୍ଡିଆନ ରହିଥାନ୍ତି । କଳାପୋଷାକ ପିନ୍ଧା ଘରୋଇ ସୁରକ୍ଷାକର୍ମୀମାନଙ୍କ ସମେତ ସାଦା ପୋଷାକଧାରୀ ପୁଲିସ, ଜିଲ୍ଲା ପୁଲିସ, ରାଜ୍ୟ ପୁଲିସର ସ୍ୱତନ୍ତ୍ର ବାହିନୀ ଉପସ୍ଥିତ ରହି ସୁରକ୍ଷା ଯୋଗାଇ ଦେଇଥାନ୍ତି । ପୁଲିସ ଏସପି ଓ ସମ୍ପୃକ୍ତ ରେଞ୍ଜ ଡିଆଇଜି ଓ ଆଇଜି ମଧ୍ୟ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥାନ୍ତି । ପାଣ୍ଡିଆନଙ୍କ କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ସୁରକ୍ଷାକର୍ମୀ ମୁତୟନ ରହୁଛନ୍ତି । ଏପରିକି ପୁଲିସ ମଧ୍ୟ ନିଜର ଗୁଇନ୍ଦା ନେଟୱ୍ୱାର୍କ ମାଧ୍ୟମରେ ବିଶୃଙ୍ଖଳାର ସାମାନ୍ୟ ଆଭାସ ପାଇଲେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଆଗୁଆ ଅଟକ ରଖିବାର ଉଦାହରଣ ରହିଛି ।

## ମୁହଁ ଖୋଲିଲେ ସୌମ୍ୟ; କହିଲେ-ମୋ ଲେଖାକୁ ନେଇ ଦଳର ମୁଖ୍ୟ ମୋତେ କିଛି କହିନାହାନ୍ତି



ଭୁବନେଶ୍ୱର,୧୯।୮(ପି.ଏନ): ଖଣ୍ଡପଡାର ବିଧାୟକ ତଥା ବିଜେଡିର ବରିଷ୍ଠ ନେତା ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ 'ଜନ୍ମଦିନର ଅନୁଚିନ୍ତା' ଶୀର୍ଷକ ଲେଖା ଗତକାଲି ତାଙ୍କ ଖବର କାଗଜରେ ପ୍ରକାଶ ପାଇବା ପରେ ବିଜେଡି ଓ ପାୱାର କରିଡରରେ ସୃଷ୍ଟି ହୋଇଛି କମ୍ପନ। ତେବେ ସୌମ୍ୟ ନିଜର ଲେଖା ମାଧ୍ୟମରେ ଉଠାଇଥିବା ପ୍ରଶ୍ନର ଉତ୍ତର ରଖିବା ତ ଦୂରର କଥା ତାଙ୍କ କଥାକୁ ଖଣ୍ଡନ କରିବାକୁ ଏପର୍ଯ୍ୟନ୍ତ ବିଜେଡି ସତସାହାସ ଜୁଟାଇ ପାରି ନଥିବା ବେଳେ ନିଜ ଲେଖାର ପ୍ରକାଶନ ହେବାର ଗୋଟିଏ ଦିନ ପରେ ମୁହଁ ଖୋଲିଛନ୍ତି ସୌମ୍ୟ। ସେ କହିଛନ୍ତି, ମୋ ଲେଖାକୁ ନେଇ ଦଳର ମୁଖ୍ୟ ମୋତେ କିଛି କହିନାହାନ୍ତି। ଯେଉଁମାନେ ଚର୍ଚ୍ଚା କରୁଛନ୍ତି, ସେମାନେ ବୋଧେ ମୋ ଲେଖା ପଢ଼ିନାହାନ୍ତି। ସେମାନଙ୍କୁ ମୁଁ ବାରମ୍ବାର ପଢ଼ିବାକୁ କହୁଛି। ଯଦି ମୋର ଆଲେଖ୍ୟକୁ ଝଡ କହୁଛନ୍ତି, ତାହାହେଲେ କାହିଁକି ଚାହା କପ ପିଇ ଝଡ ସୃଷ୍ଟି କରୁଛନ୍ତି। ଆଲେଖ୍ୟରେ ବୃତ୍ତି, ପାର୍ଟି ଓ ମାଟି ବିଷୟରେ କୁହାଯାଇଛି। ବୃତ୍ତି ଓ ମାଟି ସବୁବେଳେ ଗୁରୁତ୍ୱପୂର୍ଣ୍ଣ ହେବା ଦରକାର।ସୌମ୍ୟ ଆହୁରି କହିଛନ୍ତି, ଦୈନିକ 'ସମ୍ବାଦ' ଖବର କାଗଜଟି ମୋର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ସମ୍ବାଦ ଖବର କାଗଜଟି ଗ୍ରାହକ ଓ ପାଠକଙ୍କ ସମ୍ପତ୍ତି। ସେହିମାନଙ୍କର ସ୍ୱାର୍ଥ ଓ ସ୍ୱାଭିମାନକୁ ଜଗିବାକୁ କିଛି କରିବାକୁ ପଡ ?। ସେଥିରେ ଯଦି ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ପାର୍ଟି ବନ୍ଧା ପଡିବ ମୋର କିଛି ଆପତ୍ତି ନାହିଁ। ପାର୍ଟି ପାଇଁ ମାଟିକୁ ଭୁଲି ଯିବା କୌଣସି ଭଦ୍ରଲୋକ ଓ ବୁଦ୍ଧିମାନ ବ୍ୟକ୍ତିର କାମ ନୁହେଁ। ଏହି ବିଷୟରେ ଆଲୋଚନା କରି କିଛି ଲାଭ ନାହିଁ। ଖବର କାଗଜରେ ଯାହା ଲେଖିବା କଥା ମୁଁ ହାତ କାଟିକି ଲେଖିଦେଇଛି। ଓଡିଆରେ ଲେଖାଟି ଲେଖାଯାଇଥିବାରୁ ତାକୁ ବୁଝାଇବା କିଛି ଦରକାର ନାହିଁ।

## କାଲିଠାରୁ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ଛତିଶଗଡ଼ ରାଜ୍ୟପାଳ

ଭୁବନେଶ୍ୱର, ୧୯।୮(ପି.ଏନ): ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଆସନ୍ତାକାଲି ୨୦ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ୫ ଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ଛତିଶଗଡ଼ ରାଜଭବନରୁ ପ୍ରକାଶିତ ଏକ ପ୍ରେସବିବୃତିରୁ ଜଣାପଡ଼ିଛି। ରାଜ୍ୟପାଳ ଶ୍ରୀ ହରିଚନ୍ଦନ ତାଙ୍କର ଏହି ଗସ୍ତରେ ବାଣପୁରର ପ୍ରଖ୍ୟାତ ଦେବୀ ମା' ଭଗବତୀଙ୍କର ଦର୍ଶନ ସହିତ କେତେକ କାର୍ଯ୍ୟକ୍ରମରେ ଯୋଗଦେଉଥିବା ସୂଚନାମିଳିଛି। ରାଜ୍ୟପାଳ ଶ୍ରୀ ହରିଚନ୍ଦନ ଓଡ଼ିଶା ଗସ୍ତର ପ୍ରଥମ ଦିବସ ତଥା ୨୦ ତାରିଖ ପୂର୍ବାହ୍ନରେ ରାୟପୁର ବିମାନବନ୍ଦରୁ ବାହାରି ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନ ବନ୍ଦରରେ ଅବତରଣ କରିବେ। ସେଠାରୁ ନିଜସ୍ୱ ବାସଭବନକୁ ଯିବେ ଏବଂ ସନ୍ଧ୍ୟାରେ ଏମ୍‌ବିସି ଟିଭି ଦ୍ୱାରା ଆୟୋଜିତ ଶିକ୍ଷା ସମ୍ମିଳନୀ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିବେ। ୨୧ ତାରିଖ ସନ୍ଧ୍ୟାରେ ଆନ୍ତର୍ଜାତୀୟ ସ୍ୱାଭିମାନ ପ୍ରତିଷ୍ଠାନ ଆନୁକୂଲ୍ୟରେ ଜୟଦେବ ଭବନ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ୧୩ତମ ଜାତୀୟ ଓଡ଼ିଶା ସ୍ୱାଭିମାନ ସମ୍ମିଳନୀରେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ୨୧ ତାରିଖ ଦିନ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ଆଲୋଚନା କରିବା ସହିତ ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଯୋଗଦେବେ। ୨୩ ତାରିଖ ଦିନ ବାଣପୁର ମା' ଭଗବତୀଙ୍କ ଦର୍ଶନ କରିବା ପାଇଁ ଉକ୍ତଦିନ ପୂର୍ବାହ୍ନରେ ଯାତ୍ରା କରିବେ। ରାଜ୍ୟପାଳଙ୍କର ଏହି କାର୍ଯ୍ୟକ୍ରମରେ ନିଜସ୍ୱ ଗ୍ରାମ ଗୋଡ଼ିଝରକୁ ଯାଇ ତାଙ୍କ ପିତାଙ୍କର ଆରାଧ୍ୟଦେବ ବାଲୁଙ୍କେଶ୍ୱର ଦେବଙ୍କୁ ଦର୍ଶନ କରିବେ ଓ ପରେ ତାଙ୍କର ସ୍ୱର୍ଗତ ପିତା ପର୍ଶୁରାମ ହରିଚନ୍ଦନ ଓ ମାତା ପଦ୍ମାବତୀ ଦେବୀଙ୍କ ସମାଧିସ୍ଥଳରେ ଉଭୟ ମାତାପିତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ଅପରାହ୍ନରେ ମା' ଭଗବତୀଙ୍କ ଦର୍ଶନ ସାରି ଆୟୋଜିତ ବାଣପୁର, ଗମ୍ଭାରିମୁଣ୍ଡା, ବାଲୁଗାଁ ଆଦି ବିଭିନ୍ନ ସ୍ଥାନମାନଙ୍କରେ ସମ୍ବର୍ଦ୍ଧନା କରାଯିବାର କାର୍ଯ୍ୟକ୍ରମ ରହିଛି।

### ରାଜଧାନୀରେ ନିଶା ମାଫିଆ କଲେ ଧଉଳି ଥାନା ଏସଆଇଙ୍କୁ ଆକ୍ରମଣ

ଭୁବନେଶ୍ୱର, ୧୯।୮(ପି.ଏନ): ରାଜଧାନୀରେ ବଢ଼ିଛି ନିଶା ମାଫିଆଙ୍କ ଦୌରାତ୍ମ୍ୟ ଧୀରେ ଧୀରେ ବଢିବାରେ ଲାଗିଛି । ନିଶା ମାଫିଆଙ୍କ ଆଡ୍ଡା ଉପରେ ଚଢ଼ାଉ କରିବାକୁ ଯାଇଥିବା ଜଣେ ପୋଲିସ କର୍ମଚାରୀ ତାଙ୍କର ଆକ୍ରମଣର ଶୀକର ହୋଇଛନ୍ତି । ଆକ୍ରମଣରେ ଶିକାର ହୋଇ ଥିବା ପୋଲିସ କର୍ମଚାରୀ ଜଣଙ୍କ ହେଉଛନ୍ତି ଧଉଳି ଥାନାର ଏସଆଇ ରମେଶ ଭୋଳ। ଆକ୍ରମଣରେ ଆହତ ହେବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ନେଇ ସୂଚନା ମିଳିଛି । ମିଳିଥିବା ସୂଚନା ଅନୁସାରେ ଧଉଳି ଅଂଚଳରେ ଏକ ପରିତ୍ୟକ୍ତ ଘରେ କିଛି ଲୋକ ନିଶା କାରବାର ଚଳାଇଥିବା ଧଉଳି ଥାନା ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା।

## ଓପିଟିସିଏଲ୍ ରେ ନିଯୁକ୍ତି ପାଇଲେ ୪୧୨ ଜଣ

ଭୁବନେଶ୍ୱର, ୧୯।୮(ପି.ଏନ): ଓଡିଶା ପାୱାର ଟ୍ରାନ୍ସମିଶନ କର୍ପୋରେସନ୍ ଲିମିଟେଡ୍ (ଓପିଟିସିଏଲ) ରେ ଶନିବାର ଦିନ ୪୧୨ ଜଣ ଅଧିକାରୀ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୧୬୧ ଜଣ ଇଲେକ୍ଟ୍ରିକାଲ ଇଂଜିନିୟର, ୫୪ ଅଫିସ୍ ଆସିଷ୍ଟାଂଟ ଓ ୧୯୭ ଜଣ ଇଲେକ୍ଟ୍ରିକାଲ ଟେକ୍ନିସିଆନ୍ ରହିଛନ୍ତି। ଶନିବାର ଅପରାହ୍ନରେ ଲୋକସେବା ଭବନର କନଭେନସନ୍ ସେଂଟର ଠାରେ ଆୟୋଜିତ ନିଯୁକ୍ତି ପର୍ବ ଓ ନୂତନ ଅଧିକାରୀଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବୋଧିତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୁଣାତ୍ମକ ଏବଂ ନିର୍ଭରଯୋଗ୍ୟ ବିଜୁଳି ପ୍ରତ୍ୟେକ ନାଗରିକଙ୍କର ଅଧିକାର। ଏହା ଅଭିବୃଦ୍ଧିର ମଧ୍ୟ ମୌଳିକ ମାଧ୍ୟମ। ଉପଭୋକ୍ତା, ଚାଷୀ ଓ ଶିଳ୍ପକୁ ଗୁଣବତା ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଣକୁ ନିଶ୍ଚିତ କରିବା ଲାଗି ଆମେ କାର୍ଯ୍ୟ କରିବା। ଏହାସହ ୫ ଟି ମନ୍ତ୍ରକୁ ଅନୁସରଣ କରି ବାକୁ ମୁଖ୍ୟମନ୍ତ୍ରୀ ନୂତନ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହାସହ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିଦ୍ୟୁତ୍ ଉତ୍ପାଦନ ବୃଦ୍ଧି ଏବଂ ପରିବହନ ଏବଂ ବିତରଣ ଭିତିଭୂମିକୁ ମଜବୁତ କରିବା ପାଇଁ ସରକାର ବିଦ୍ୟୁତ୍ କ୍ଷେତ୍ରରେ ଯଥେଷ୍ଟ ବିନିଯୋଗ କରୁଛନ୍ତି। ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଓଡିଶା ବଳକା ରାଜ୍ୟ ହୋଇପାରିଛି। ରାଜ୍ୟରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି ପାଇ ୯୭ ଲକ୍ଷରେ ପହଂଚିଛି ଯାହା ୨୦୦୦ ମସିହାରେ ମାତ୍ର ୧୬ ଲକ୍ଷ ଥିଲା। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଥିଲେ ଯେ ଓଡିଶାରେ କ୍ରମାଗତ ଅର୍ଥନୈତିକ ପ୍ରଗତି ଶକ୍ତିର ଚାହିଦାକୁ ବୃଦ୍ଧି କରିଛି । ତେଣୁ ୨୪ ଘଂଟା ଗୁଣାତ୍ମକ ଶକ୍ତି ଯୋଗାଇବା ଏକ ବୃହତ୍ ଦାୟିତ୍ୱ।

## ସେନା ଗାଡି ଦୁର୍ଘଟଣାଗ୍ରସ୍ତ; ୯ ଯବାନ ମୃତ

ନୂଆଦିଲ୍ଲୀ,୧୯।୮(ପି.ଏନ): ଲଦାଖରେ ଭାରତୀୟ ସେନାର ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୯ ଜଣ ଯବାନଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଜଣେ ଜୁନିୟର କମିଶନ୍ ?ଡ ଅଫିସର (ଜେସିଓ) ଅଛନ୍ତି। ଆଜି ଅପରାହ୍ନ ପ୍ରାୟ ୫ଟା ବେଳେ ଲେହ ଠାରୁ ୧୫୦ କିଲୋମିଟର ଦୂର କିୟାରୀ ନିକଟରେ ଏହି ଘଟଣା ଘଟିଛି। ୧୦ ଜଣ ଯବାନଙ୍କୁ ନେଇ ଯାଉଥିବା ସେନାର ଏହି ଟ୍ରକ୍ ରାସ୍ତାରୁ ଖସି ନଦୀରେ ପଡି ଯାଇଥିଲେ। ଏଥିରେ ୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ସେନାର ମୋଟ ୫ଟି ଗାଡି ସାଙ୍ଗ ହୋଇ ଯାଉଥିବା ବେଳେ ସେଥିରୁ ଏହି ଟ୍ରକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେନାର ଏହି ଗାଡି ଗୁଡିକ ମୋଟ ୩୪ ଜଣ ଯବାନଙ୍କୁ ନେଇ କାରୁରୁ କିୟାରୀ ଆସୁଥିଲେ।

## କିଟ୍ ବିଶ୍ୱବିଦ୍ୟାଳୟର ୧୯ତମ ସମାବର୍ତ୍ତନ

### ନିଷ୍ଠାର ସହ ମାନବ କଲ୍ୟାଣରେ ଜ୍ଞାନର ଉପଯୋଗ କରିବା ଉଚିତ: ରାଜ୍ୟପାଳ



ଭୁବନେଶ୍ୱର,୧୯।୮(ପି.ଏନ): କିଟ୍ ବିଶ୍ୱବିଦ୍ୟାଳୟର ୧୯ତମ ସମାବର୍ତ୍ତନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅନୁଷ୍ଠିତ ସମାବର୍ତ୍ତନରେ ମୋଟ ୬୭୩୮ ଛାତ୍ରଛାତ୍ରୀଙ୍କୁ ସ୍ନାତକ, ସ୍ନାତକୋତ୍ତର ଓ ପିଏଚ୍‌ଡି ଡ଼ିଗ୍ରୀ ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ କହିଲେ, ନିଷ୍ଠାର ସହ ମାନବ କଲ୍ୟାଣରେ ଜ୍ଞାନର ଉପଯୋଗ କରିବା ଉଚିତ। ସେ କହିଲେ, ଈଶ୍ୱର ଆମକୁ ଅନେକଗୁଡ଼ିଏ ଭଲ ଗୁଣ ଦେଇ ଧରାପୃଷ୍ଠକୁ ପଠାଇଛନ୍ତି। ଆମେମାନେ ମାନବକଲ୍ୟାଣରେ ଏହି ସବୁ ଉତ୍ତମ ଗୁଣର ସୁବିନିଯୋଗ କରିବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ ଫୁଲର ଉଦାହରଣ ଦେଇ କହିଲେ, ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତି ଓ କଷ୍ଟ ସତ୍ତ୍ୱେ ଫୁଲ ଯେପରି ହସିହସି ତାର ସୁଗନ୍ଧ ଆମକୁ ପ୍ରଦାନ କରିଚାଲିଛି, ସେହିପରି ଆମେ ଫୁଲର ଏହି ଗୁଣକୁ ଆହରଣ କରିବା ଉଚିତ।କିଟ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଅଶୋକ କୁମାର ପରିଜା କହିଲେ, ଉନ୍ନତ ଭବିଷ୍ୟତ ପାଇଁ ଶିକ୍ଷା ଏକ ପାସ୍‌ପୋର୍ଟ ସଦୃଶ। ସ୍ନାତକ ଅର୍ଥ କେବଳ ଡିଗ୍ରୀ ହାସଲ କରିବା ନୁହେଁ, ଏହା ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଖା ଦେଇଥିବା ଗୁଣାତ୍ମକ ପରିବର୍ତ୍ତନ। ଆଗକୁ ତୁମେମାନେ ତୁମର ସ୍ୱପ୍ନ ସାକାର କରିବାକୁ ଯାଉଛ। ତେବେ ସର୍ବଦା ଦୟା ଓ କରୁଣା ଭାବ ପ୍ରଦର୍ଶନ କରିବା ସହ ସାମାଜିକ ଦାୟିତ୍ୱବାନ ହେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ସୁବ୍ରତ ଆଚାର୍ଯ୍ୟ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, ଏହି ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ସ୍ନାତକମାନଙ୍କର ଏକ ଅନନ୍ୟ ସମାଜିକ ଦାୟିତ୍ୱ ରହିଛି। ଛାତ୍ରଛାତ୍ରୀଙ୍କ ଯୋଗଦାନ ଏଭଳି ଆବଶ୍ୟକ ଯାହା କି ନିଜନିଜ କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିପାରିବେ ବୋଲି ସେ କହିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ପରମାଣୁ ଶକ୍ତି ଆୟୋଗ ଅଧ୍ୟକ୍ଷ ତଥା ପରମାଣୁ ଶକ୍ତି ବିଭାଗ ସଚିବ ଡ. ଅଜିତ କୁମାର ମହାନ୍ତି, ସ୍ୱସ୍ତି ଗ୍ରୁପ୍ ହୋଟେଲ୍‌ସ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ମହାନ୍ତି ଓ ଟେକ୍ ମହିନ୍ଦ୍ରା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ଚନ୍ଦର ପ୍ରକାଶ ଗୁର୍‌ନାନିଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସମ୍ମାନସୂଚକ ଡିଗ୍ରୀ ଗ୍ରହଣ କରି ଡ. ମହାନ୍ତି, ଶ୍ରୀ ଗୁର୍‌ନାନି ଓ ଶ୍ରୀ ମହାନ୍ତି କିଟ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେବା ସହ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟ ଉଦାହରଣ ସୃଷ୍ଟି କରିଛି ବୋଲି କହିଥିଲେ ।କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରି କିଟ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ହାସଲ କରିଥିବା ବିଭିନ୍ନ ଉଲ୍ଲେଖନୀୟ ସଫଳତା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ସାମଗ୍ରିକ ପ୍ରଦର୍ଶନ ପାଇଁ ଶ୍ରେଷ୍ଠ ଛାତ୍ରୀ ଭାବେ ବିଦିତା ସାମନ୍ତଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ଅନନ୍ୟା ତ୍ରିପାଠୀଙ୍କୁ ଶ୍ରେଷ୍ଠ ପିଏଚ୍‌ଡି ଛାତ୍ରୀ, ଶ୍ରେଷ୍ଠ ସ୍ନାତକୋତ୍ତର ଛାତ୍ରୀ ସ୍ୱାତୀ ସୁଦେଷ୍ଣା ପଣ୍ଡା ଓ ଶ୍ରେଷ୍ଠ ସ୍ନାତକ ଭାବେ ନିର୍ମଳ କୁମାର ପଣ୍ଡିତଙ୍କୁ ମଧ୍ୟ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ପାଠ୍ୟକ୍ରମରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ କୁଳାଧିପତି ସ୍ୱର୍ଣ୍ଣ ପଦକ, ନନିବାଳା ସ୍ମୃତି ସ୍ୱର୍ଣ୍ଣ ପଦକ, ଶ୍ରୀକୃଷ୍ଣଚନ୍ଦ୍ର ପଣ୍ଡା ସ୍ମୃତି ସ୍ୱର୍ଣ୍ଣ ପଦକ, ଡ. ଓ୍ୱାତିପରମଗୁରୁ ସ୍ମୃତି ସ୍ୱର୍ଣ୍ଣପଦକ, ପି କେ ବଳ ସ୍ମୃତି ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣ ପଦକ ଏବଂ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା ।କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର ଏନ୍ ଦାଶ, କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ଶରଣଜିତ ସିଂହ, କିମ୍‌ସ ଉପକୁଳପତି ପ୍ରଫେସର ସିବିକେ ମହାନ୍ତି ପ୍ରମୁଖ ଉପସ୍ଥିତ ଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଁକୁ ରାସ୍ତା ନାହିଁ: ମେଡିକାଲ୍‌ରେ ପହଞ୍ଚୁ ପହଞ୍ଚୁ ସର୍ପ ଦଂଶନର ଶିକାର ଯୁବକଙ୍କ ମୃତ୍ୟୁ



ଭୁବନେଶ୍ୱର,୨୦।୮(ପି.ଏନ): ଗାଁକୁ ଭଲ ରାସ୍ତା ଖଣ୍ଡିଏ ନାହିଁ! ତେଣୁ ସର୍ପ ଦଂଶରେ ଅସୁସ୍ଥ ରୋଗୀଙ୍କୁ ମେଡିକାଲ୍ ନେବାରେ ବହୁ ବିଳମ୍ବ ହେଲା। ପ୍ରାୟ ଦେଢ଼ କିମି ଷ୍ଟ୍ରେଚରରେ ବୋହି ନେଇ ମେଡିକାଲ୍‌ରେ ଭର୍ତ୍ତି କଲା ବେଳକୁ ଯୁବକଙ୍କ ମୃତ୍ୟୁ ହୋଇଯାଇଥିଲା। ଆଜି ଏପରି ହୃଦୟବିଦରକ ଘଟଣା କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅଞ୍ଚଳରେ ଘଟିଛି ।ଘଟଗାଁ ବ୍ଲକ୍ ସନ୍ତରାପୁର ପଞ୍ଚାୟତର ପରାଭାଡି ସାହି ପରମାନନ୍ଦ ମହାନ୍ତ ଘରେ ଶୋଇଥିଲେ। ସେହି ସମୟରେ ତାଙ୍କୁ ଏକ ବିଷଧର ସର୍ପ ଦଂଶନ କରିଥିଲା। ଯେଉଁଥିପାଇଁ ସେ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ମେଡିକାଲ୍ ନେବା ପାଇଁ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ ପରିବାର ଲୋକେ। ଫୋନ୍ କଲ୍ ପାଇ ଆମ୍ବୁଲାନ୍ସ ଠିକ୍ ସମୟରେ ଆସିଥିଲା। ହେଲେ ପରାଭାଡି ସାହିକୁ ଯାଇପାରିଲା ନାହିଁ। ଗାଁଠାରୁ ଦେ କିମି ଦୂରରେ ଅଟକି ରହିଲା ଆମ୍ବୁଲାନ୍ସ।

## କ୍ରିପ୍ଟୋ ନାଁରେ ହଜାର କୋଟି ଠକେଇ ମାମଲା

ଭୁବନେଶ୍ୱର, ୧୯।୮(ପି.ଏନ): କ୍ରିପ୍ଟୋ ପୁଞ୍ଜି ନିବେଶ ନାଁରେ ହଜାର କୋଟିରୁ ଉର୍ଦ୍ଧ୍ୱ ଠକେଇ ମାମଲାରେ ଏସଟିଏ ସଂସ୍ଥାର ଆନ୍ତର୍ଜାତୀୟ ମୁଖ୍ୟ ଡେଭିଡ ଗେଜଙ୍କ ବିରୋଧରେ ଲୁକ ଆଉଟ ସରକୁରାଲ ଜାରି ହୋଇଛି। ବ୍ୟୁରୋ ଅଫ ଇମିଗ୍ରେସନ ଏହି ଲୁକ ଆଉଟ ସରକୁରାଲ ଜାରି କରିଛି। ଓଡ଼ିଶା କ୍ରାଇମବ୍ରାଂଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲୁ) ପୂର୍ବରୁ ଲୁକ ଆଉଟ ସରକୁରାଲ ଜାରି କରିବାକୁ ବ୍ୟୁରୋ ଅଫ ଇମିଗ୍ରେସନକୁ ଅନୁରୋଧ କରିଥିଲା ।ସୂଚନା ଅନୁଯାୟୀ ଏସଟିଏ ଟୋକେନ୍ ସଂସ୍ଥା କ୍ରିପ୍ଟୋ ପୁଞ୍ଜି ନିବେଶ ନାଁରେ ଲୋକଙ୍କୁ ଠକୁଥିଲା। ଏହି ସଂସ୍ଥା ମୁଖ୍ୟତଃ ୟୁରୋପର ଆଇସଲ୍ୟାଣ୍ଡରୁ ପରିଚାଳିତ ହେଉଥିଲା, ଏହାର ମୁଖ୍ୟ ଡେଭିଡ୍ ଗେଜ୍ ବିଭିନ୍ନ ସମୟରେ ଭାରତକୁ ଆସି ଓଡ଼ିଶା ସମେତ ବିଭିନ୍ନ ରାଜ୍ୟ ବୁଲି ରାତାରାତି ଧନୀ ହେବାର ସ୍ୱପ୍ନ ଦେଖାଇ ଲୋକଙ୍କୁ ସଦସ୍ୟ ହେବାକୁ ପ୍ରବର୍ତ୍ତାଉଥିଲେ। ତେଣୁ ମାମଲାର ବିଦେଶ ଲିଙ୍କ୍ ନେଇ ମଧ୍ୟ ତଦନ୍ତ ହେଉଛି। କେଉଁମାନେ ବିଦେଶରୁ ଆସିଥିଲେ, କେଉଁମାନଙ୍କୁ ସଂସ୍ଥା ବିଦେଶ ପଠାଇଛି, ସେମାନଙ୍କ ପାଇଁ କେତେ ଟଙ୍କା ଖର୍ଚ୍ଚ କରିଛି, ଅଭିଯୁକ୍ତ ଦୁଇଜଣ କେତେଥର ବିଦେଶ ଯାଇଥିଲେ ଓ କେଉଁ କେଉଁ ସ୍ଥାନକୁ; ଏହାର ମଧ୍ୟ ଖୋଳତାଡ଼ ହେଉଛି। ଏହାସହିତ ଆର୍ଥିକ କାରବାର ତଥ୍ୟ ପାଇଁ ସଂପୃକ୍ତ ବ୍ୟାଙ୍କଗୁଡ଼ିକୁ ଚିଠି ଲେଖାଯାଇଛି। ଦେଶରୁ ପ୍ରାୟ ହଜାରେ କୋଟି ଟଙ୍କା ଠକେଇ କରିଥିବା ଏହି ରାକେଟ୍ ର ଭାରତ ମୁଖ୍ୟ ଗୁରୁତେଜ ସିଂ ସିଦ୍ଧୁକୁ ଇଓଡବ୍ଲୁ ଟିମ୍ ରାଜସ୍ଥାନର ଗଙ୍ଗାନଗରରୁ ଗିରଫ କରିଥିବାବେଳେ ପୂର୍ବରୁ ସଂସ୍ଥାର ଓଡ଼ିଶା ମୁଖ୍ୟ ଭଦ୍ରକର ନିରୋଦ ଦାସକୁ ଗିରଫ କରାଯାଇଥିଲା। ସୋସିଆଲ ମିଡିଆ ମୁଖ୍ୟ ରତ୍ନାକର ପଲେଇକୁ ବି ଗିରଫ କରାଯାଇଥିଲା।

## ଫାଟିଗଲା ଚକା, ଓଲଟି ପଡିଲା ବସ୍



ଭୁବନେଶ୍ୱର,୧୯।୮(ପି.ଏନ): ଚକା ଫାଟି ଯିବାରୁ ଏକ ବସ୍ ଓଲଟି ପଡିଛି। ଘଟଣାଟି ଘଟିଛି ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ଥାନା ଜଏରପଡ଼। ଗାଁ ନିକଟରେ। ଏଥିରେ ଡ୍ରାଇଭରଙ୍କ ସମେତ ୭ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଏହି ଘରୋଇ ବସ୍‌ଟି ନୂଆପଡା ଜିଲ୍ଲା ଖରିଆରରୁ ବଲାଙ୍ଗିର ଜିଲ୍ଲାର କଣ୍ଟାବାଞ୍ଜିକୁ ଯାଉଥିଲା। ବସ୍‌ରେ ୨୦ରୁ ଅଧିକ ଲୋକ ଥିଲେ। ତେବେ ଜୁଏରପଡା ନିକଟରେ ଚକା ଫାଟି ଯିବାରୁ ଏହା ଓଲଟି ପଡିଥିଲା।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍‌ସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ପରିବର୍ତ୍ତନ


ପୂର୍ଣ୍ଣଚନ୍ଦ୍ର ବହଳୀ

ରାଜୁ ଏକ ଗରିବ ପରିବାରରେ ଜନ୍ମ ଗ୍ରହଣ କରିଥିଲା । ମା'ର ଦେହାନ୍ତ ପରେ ବାପା ହିଁ ତାର ସବୁ କିଛି ଥିଲେ। ବାପାଙ୍କର ଗୋଟିଏ ଦହିବରା ଦୋକାନ ଥିଲା । ସେଥିରୁ ଯାହା ଆୟ ହୁଏ ତାହା ହିଁ ସମ୍ବଳ । ବାପାଙ୍କର ଥିବା ଦହି ବରା ଦୋକାନରେ କେତେବେଳେ କେତେବେଳେ ରାଜୁ ବିକ୍ରିରେ ସାହାଯ୍ୟ କରେ । ଯେତେବେଳେ ସମୟ ମିଳେ ସେଇଠି ବସି ବି ପଢାପଢି କରେ । ତାର ପଢ଼ାରେ ଆଗ୍ରହ ଦେଖି ବାପା ଯେତେ ସମ୍ଭବ ନିଜ କାମ ଠାରୁ ତାକୁ ଦୁରେଇ ରଖନ୍ତି । ରାଜୁ ବି ଜାଣିଛି ଏହି ଦୋକାନ ହିଁ ସର୍ବସ୍ୱ । ଭଲ ବେପାର ହେଲେ ଅଭାବ କମ ରହିବ । କିଛି ସଂଚ୍ୟ ହେଲେ ଆଗକୁ ଅଧିକ ପଢିବା ପାଇଁ ଟଙ୍କା କାମରେ ଲାଗିବ । ଦୋକାନରେ ରହିବା ଭିତରେ ସେ ଅନୁଭବ କରୁଥିଲା ଯେ ଦହିବରା ଖାଇବା ସମୟରେ ସମସ୍ତଙ୍କ ହାତରେ ଠୋଲା, ଛୁଆଁ ଅଛୁଆଁ ଧନୀ ଗରିବ କିଛି ତ ଫରକ ନାହିଁ ତେବେ ସମାଜରେ ଏ ଭେଦଭାବ କାହିଁକି । ସ୍କୁଲରେ ମଧ୍ୟ ସେ ପାତର ଅନ୍ତର ବି ଅନୁଭବ କରେ । ଏହି ଭାବନା ଭିତରେ ହଠାତ ପାଟି ତୁଣ୍ଡ ଶୁଣି ରାଜୁ ଅନାଇ ଦେଖେ ତ ଦୋକାନ ସମ୍ମୁଖରେ ଗୋଟିଏ ଛୋଟ ପିଲାକୁ ଲୋକଟିଏ ବାଡ଼ଉଛି । କଥାଟି ଥିଲା ସେହି ପିଲାଟି ଲୋକଟିର ପ୍ୟାଣ୍ଟ କୁ ଧରି କିଛି ସାହାଯ୍ୟ ମାଗୁଥିଲା । ଏଥିରେ ଲୋକଟି ତାକୁ ଭିକାରି ଛୁଆ ଶଳାଟା ଛୁଇଁଦେଲା କହି ଗାଳି କରୁଥିଲା । ଏ ସବୁ ଦେଖି ରାଜୁ ବହୁତ ମନ ଦୁଃଖ କଲା । ସ ଭିକ ମାଗୁଥିବା ପିଲାଟିର ମାଡ଼ ଓ ଗାଳି ର ଦୃଶ୍ୟ ତା ଆଖିରେ ବାରମ୍ବାର ନାଚି ଉଠେ । ତାକୁ ଲାଗେ ଯେମିତି ତାକୁ କିଏ କହୁଛି ବାପା ଦହି ବେପାର କରୁଛି, ବେପାର ନ ହେଲେ ପୁଅ ଏହିଭଳି ଭିକ ମାଗିବ । ରାଜୁ ମନେ ମନେ ଭାବିଲା ସେ କେବେ ଭିକାରି ହେବ ନାହିଁ, ବାପାଙ୍କୁ ସାହାଯ୍ୟ କରିବା ସହିତ ଭଲ ପଢି ଚାକିରି ନିଶ୍ଚୟ କରିବ । ସତକୁ ସତ ରାଜୁ ଭଲ ନମ୍ବର ରଖି କୃତିତ୍ୱର ସହ ବିଭିନ୍ନ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଚାଲିଲା । ଗୋଟିଏ କମ୍ପାନୀରେ ଖୁବ ଶୀଘ୍ର ଚାକିରୀଟିଏ ପାଇଗଲା । ନିଜର ଦକ୍ଷତା ଓ କର୍ମକୁଶଳତା ଯୋଗୁଁ ବହୁତ ଶୀଘ୍ର ସେହି କମ୍ପାନୀରେ ସେ ମ୍ୟାନେଜର ମଧ୍ୟ ହୋଇଗଲା ।

ରାଜୁ ଯେଉଁଠି ଚାକିରୀ କରୁଥିଲା ସେଠାରେ ଆପାର୍ଟମେଣ୍ଟରେ ଘରଟିଏ ଭଡା ନେଇ ରହିଲା । ବାପାଙ୍କୁ ଦହିବରା ବେପାର ଛାଡି ତା ସହ ରହିବା ପାଇଁ ଯେତେ କହିଲେ ମଧ୍ୟ ସେ ନିଜ ବେପାର ଭିଟାମାଟି ଛାଡି ଆସିବା ପାଇଁ ଚାହିଁନଥିଲେ । ରାଜୁ ସେଠାରେ ଘର କାମ କରିବା ପାଇଁ ସ୍ତ୍ରୀ ଲୋକଟିଏ ରଖିଲା । ବୁଢ଼ା ବାପାଙ୍କ କଥା ଏକ ପ୍ରକାର ଭୁଲିଗଲା । ସହରର ଚକଚକ୍ୟରେ ନିଜକୁ ହଜାଇ ଦେଲା ।

ଦିନେ ରାଜୁ ସକାଳୁ ସକାଳୁ ଖବର କାଗଜ ପଢୁଥିବା ସମୟରେ କାମ କରୁଥିବା ସ୍ତ୍ରୀ ଲୋକଟି ଚା ଧରି ଆସି ପହଁଚିଲା ଓ ସେଠାରେ ଛିଡା ହୋଇ ରହିଲା । ରାଜୁ କହିଲା କଣ କମଳା ଏଠାରେ ଛିଡା ହୋଇଛ କାହିଁକି କଣ କିଛି କହିବାର ଅଛି କି । ନା ମାଲିକ ଯଦି ନ ରାଗିବେ କୁହନ୍ତୁ ଗୋଟିଏ କଥା କହିବି । ରାଜୁ କହିଲା ଯାହା କହିବାର ଅଛି ଜଲଦି କୁହ । କଥାଟା ନ ଶୁଣିଲେ ଜାଣିବି କେମିତି ।

କମଳା କହିଲା- ମୋ ପୁଅ ଗୋଟିଏ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବ ତା ପାଇଁ ୫୦୦୦ ଟଙ୍କା ଦରକାର । ମୋତେ ପାଞ୍ଚହଜାର ଟଙ୍କା ଧାର ଦିଅନ୍ତୁ ମୁଁ ସୁଝି ଦେବି ।

ରାଜୁ କହିଲା ନା ନା ଏତେ ଟଙ୍କା ମୁଁ ଧାର ସୂତ୍ରରେ ଦେଇପାରିବିନାହିଁ । କମଳା କାକୁତି ମିନତି ହୋଇ କହିଲା ଆଜ୍ଞା ପିଲାଟାର ମନ ଭାଙ୍ଗିଯିବ । ସବୁ ପିଲା ଭାଗ ନେବେ । ମୁଁ ଆଜ୍ଞା ନିଶ୍ଚୟ ସୁଝି ଦେବି । ରାଜୁ ଟିକେ ଚିନ୍ତା କରି କହିଲା ହଉ ଠିକ ଅଛି ଏଇ ଟଙ୍କା ନିଅ କିନ୍ତୁ ଏଥର ପୁରା ଦରମା କାଟିଦେବି ରାଜି ତ । କମଳା ହଁ ଭରି ଟଙ୍କା ନେଇଗଲା । କମଳା ନିଜ ପୁଅ ବିଷୟରେ କହିବା ପରଠାରୁ ରାଜୁର ନିଜ ବାପା କଥା ମନରେ ଉଙ୍କିମାରିଲା । ଯେଉଁ ବାପା ତା ପାଇଁ ଦିନରାତି ପରିଶ୍ରମ କରି କିଭଳି ସେ ମଣିଷଟିଏ ଭଳି ମଣିଷ ହେବ କୌଣସିଥିରେ ହେଳା କରି ନ ଥିଲେ ଆଜି ସବୁ ତା ପାଖରେ ଥାଇ ତାଙ୍କ କଥା ଭୁଲିଗଲା କେମିତି । ମନେ ମନେ ସ୍ଥିର କଲା ସେ ନିଜେ ଯାଇ ବାପାଙ୍କୁ ବୁଝାଇ ସୁଝାଇ ତା ପାଖକୁ ନେଇ ଆସିବ ।

ଏହି ସମୟରେ କଲିଂ ବେଲ ବାଜିଉଠିଲା । ରାଜୁ ଆସି କବାଟ ଖୋଲି ଦେଖିଲା ଲୋକଟିଏ ଛିଡା ହୋଇଛି । ସେ ପଚାରିଲା କାହାକୁ ଖୋଜୁଛ । ଲୋକଟି ନମସ୍କାର ଜଣାଇ କହିଲା ଏଠି ଯେଉଁ କମଳା କାମ କରେ ତାକୁ ଟିକେ ଡାକିଦେବ । ରାଜୁ କାମଳାକୁ ଡାକିବା ପୂର୍ବରୁ ସେ ପହଂଚି ଯାଇଥିଲା ।

କମଳା କହିଲା ଗୋପାଳ ଭାଇ ଏଠାରେ କଣ ପାଇଁ । ଗୋପାଳ କହିଲା ତୁ ଯେଉଁ ଟଙ୍କା ଦେଇଥିଲୁ ତାହା ଫେରାଇବା ପାଇଁ ଆସିଛି । ଏହା କହି ଟଙ୍କା କମଳା ହାତକୁ ବଢ଼ାଇ ଦେଲା । ଗୋପାଳ ରାଜୁଙ୍କୁ ଅନାଇ କହିଲା ଆଜ୍ଞା ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ । ଆପଣଙ୍କ ଯୋଗୁଁ ମୋ ସ୍ତ୍ରୀ ମରଣ ମୁଖରୁ ଫେରିଆସିଚି । ରାଜୁ କିଛି ବୁଝି ନ ପାରି କମଳା ଆଡେ ଅନାଇଲା । ନା ସେ କେବେ ଗୋପାଳକୁ ଦେଖିଛି ନା ତାକୁ ସିଏ କିଛି ସାହାଯ୍ୟ କରିଛି ତେଣୁ ଏ ଧନ୍ୟବାଦ କଣ ପାଇଁ । କମଳା କହିଲା ମାଲିକ କଥା କଣ କି - ପ୍ରକୃତରେ ଏଇ ଗୋପାଳ ସ୍ତ୍ରୀର ଦେହ ଭୀଷଣ ଖରାପ ଥିଲା । ଔଷଧ କିଣିବା ପାଇଁ ତାର ଟଙ୍କା ନିହାତି ଦରକାର ଥିଲା । ତେଣୁ ସଂଗେ ସଂଗେ ମୋ ପାଖରେ



ପୁଅ ପାଇଁ ରଖିଥିବା ଟଙ୍କା ତାଙ୍କୁ ଦେଇଥିଲି ଓ ଆପଣଙ୍କ ଠାରୁ ଟଙ୍କା ନେଇ ପୁଅକୁ ଦେଇଥିଲି । ଗୋପାଳ ସେହି ଟଙ୍କା ଦେବାକୁ ଆସିଛି ।

ରାଜୁ ଏ ସବୁ ଦେଖି ନିଜକୁ ନିଜେ ଦୋଷୀ ଭାବିଲା । ଯେତେବେଳେ ସେ ଗରିବ ଥିଲା ସମ୍ପର୍କ ସବୁ ମିଠା ମିଠା ଲାଗୁଥିଲା । ଏବେ ତା ପାଖରେ ସବୁ ଥାଇ ମଧ୍ୟ ସମ୍ପର୍କଗୁଡିକ କେମିତି ଖାପଛଡା ହେଇଯାଇଛି ତାହା ଜାଣି ପାରିଲା । ଗରିବଟିଏ ପାଖରେ ଯେଉଁ ହୃଦୟ ଅଛି ବଡ଼ଲୋକଙ୍କ ପାଖରେ ତାହା ମିଳେ ନାହିଁ ବୋଲି କମଳା କଥାରୁ ତାହା ମର୍ମେ ମର୍ମେ ଅନୁଭବ କଲା ।

ଆଜିର ଘଟଣା ପରେ ରାଜୁ ଅଫିସ ନ ଯାଇ କୌଣସି ଦୋକାନରୁ ଦହିବରା ଖାଇ ପିଲାଦିନର ସ୍ମୃତିକୁ ମନେ ପକାଇ ଟିକେ ମୁଣ୍ଡକୁ ହାଲକା କରିବ ବୋଲି ଭାବିଲା । ଖୁବ ଶୀଘ୍ର ବାପାଙ୍କ ପାଖକୁ ଯାଇ ତାଙ୍କୁ ଯେଉଁବାଟେ ହେଉ ଆଣିବାକୁ ସ୍ଥିର କଲା ।

ସେ ଯେଉଁ ଘରେ ରୁହେ କିଛି ଦୂରରେ ଗୋଟିଏ ଗଛ ମୂଳେ ବୁଢାଟିଏ ବହୁଦିନ ହେଲାଣି ଦହିବରା ବିକୁଥିବାର ସେ ଦେଖିଛି । କିନ୍ତୁ କେବେ ବି ସେ ସେଠାକୁ ଯାଇନାହିଁ । ରାଜୁ ଆଜି ଦହିବରା ଖାଇବା ପାଇଁ ସେହି ଦୋକାନରେ ଯାଇ ପହଁଚିଲା । କିନ୍ତୁ ଏ କଣ ସେଠାରେ ପହଂଚି ସେ ନିଜକୁ ବିଶ୍ୱାସ କରିପାରିଲା ନାହିଁ ଯେ ସେ ଦହିବରା ବିକୁଥିବା ବୁଢ଼ା ଆଉ କେହି ନୁହେଁ ତା ବାପା । ଏହା ଭଗବାନଙ୍କର ଆଶୀର୍ବାଦ ନା ଅଭିଶାପ ସେ ଜାଣିପାରିଲା ନାହିଁ । ବାପା ମଧ୍ୟ ପୁଅକୁ ସାମ୍ନାରେ ଦେଖି ନ ଦେଖିଲା ପରି ହେଲେ ।

ରାକେଶ ବାପା ବାପା କହି ତାଙ୍କୁ କୁଣ୍ଢାଇ ଧରି ଖୁବ କାନ୍ଦିଲା । ସେ ବହୁତ ବଡ଼ ଭୁଲ କରିଛି କହି କ୍ଷମା କରିଦେବାକୁ କହିଲା। ବାପା କାହିଁକି ନିଜ ଭିଟାମାଟି ଛାଡି ଏତେ ଦୂରରେ ଆସି ଦହିବରା ବିକ୍ରି କରୁଛନ୍ତି ଜାଣିବାକୁ ଚାହିଁଲା ।

ବାପା କହିଲେ ବାପରେ ତୁ ଯେତେବେଳେ ମୋର କୌଣସି ଖୋଜ ଖବର ନ ନେଲୁ ମୋତେ ଭରି ବ୍ୟସ୍ତ ଲାଗିଲା । ମୁଁ ଭାବିଲି ମୋ ଛୁଆର କିଛି ଅସୁବିଧା ହୋଇଯାଇନି ତ । ଭଲରେ ଅଛି ନା ନାହିଁ, ଏକ ଆଶଙ୍କା ଓ ଭୟ ଭିତରେ ବହୁ କଷ୍ଟରେ ଏଠାକୁ ଆସିଲି । ଏଠାରେ ଆସି ଜାଣିଲି ତୋର ସବୁ ଠିକଠାକ ଅଛି । ତୋତେ କୌଣସି ଚିନ୍ତାରେ ପକାଇବାକୁ କିମ୍ବା ମୋ ପାଇଁ କାଳେ ତୋର କିଛି ଅସୁବିଧା ହେବ ଭାବି ତୋତେ ଦେଖା ନ କରିବା ପାଇଁ ସ୍ଥିର କଲି । ତୋତେ ଟିକେ ନ ଦେଖିଲେ ଆଉ ମନ ବୁଝୁନାହିଁ । କିଏ ଜାଣେ କେତେବେଳେ ଜୀବନଟା ଚାଲିଯିବ ତେଣୁ ସବୁଦିନେ ତୋତେ ଟଦେଖିବା ପାଇଁ ଏଇଠାରେ ହିଁ ଉଠାଦୋକାନଟିଏ କରିବା ପାଇଁ ସ୍ଥିର କଲି ।

ରାଜୁ ଜୋରରେ କାନ୍ଦିଉଠିଲା କହିଲା ସେମିତି କୁହନାହିଁ ବାପା, ତୁମେ ଦୋକାନ ବନ୍ଦ କରିଦିଅ ଘରକୁ ଚାଲ । ବାପା ବହୁ ଅରାଜି ସତ୍ୱେ ଗୋଟିଏ ସର୍ତ୍ତରେ ରାଜି ହେଲେ ଯେ ତାଙ୍କ ଶକ୍ତି ସାମର୍ଥ୍ୟ ଥିବା ଯାଏ ସେ ଦୋକାନ ବନ୍ଦ କରିବେ ନାହିଁ ।

ଏହାର କିଛି ବର୍ଷ ପରେ ସେଠାରେ ଆଉ କେହି ଦହିବରା ଦୋକାନ ଦେଖିନାହାନ୍ତି । ଜାଣିବାକୁ ମିଳିଲା ରାଜୁର ଇତିମଧ୍ୟରେ ବିବାହ ହୋଇଯାଇଛି । ବୁଢ଼ା ବାପ ନାତି ସହ ଆନନ୍ଦରେ ଖେଳୁଛି....... ଆରମ୍ଭ......

ପ୍ରତିଷ୍ଠାତା ସମ୍ପାଦକ,
ଶିବାନୀ, ଗରଦପୁର, ଭଦ୍ରକ

# ହେ ମହାତ୍ମା... !

ତୁମ ଚଷମା,ତୁମ ଲାଠି,ତୁମ ପରିପାଟୀ, ତୁମ ଚରଖା, ତୁମ ଅହିଂସା, ତୁମ ସତ୍ୟାଗ୍ରହ କୁ ନେଇ ଏ ଜାତି ବିଶ୍ୱ ବିଦିତ। ତୁମ ଭେଦଭାବହୀନ ସମାଜ, ତୁମ ରାମରାଜ୍ୟ କଳ୍ପନା, ତୁମ ସଭାବନା, ମାତୃଭୂମି କୈନ୍ଦ୍ରିକ। ତୁମ ନିଷ୍ଠା, ତୁମ ପରାକାଷ୍ଠା ଥିଲା ସ୍ୱତନ୍ତ୍ର..!!!

ହେ ମହାତ୍ମା ! ତଥାପି ତୁମକୁ ନେଇ ଆଜି ଅନେକ ଗୁଜବ।ଥୋକେ ଫୁଟାଉଛନ୍ତି ଅସୂୟାର ଆତସବାଜି।ଯେଉଁମାନେ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ହିଂସା ଦ୍ୱେଷକୁ ଆୟୁଧ କରନ୍ତି, ସେମାନେ କେମିତି ବୁଝିବେ ତୁମ ପବିତ୍ର ଅହିଂସା ଭାବନାକୁ ? ଏଇ ଦେଶ ପାଇଁ ନିଜକୁ ଉତ୍ସର୍ଗୀକୃତ କରିବା ପରେ ବି ତୁମକୁ ଗୁଳିଚୋଟ ଖାଇବାକୁ ପଡେ।' ହେ ରାମ..' ଉଚ୍ଚାରଣରେ ଲିଭିଯାଏ ତୁମ ଜୀବନ ପ୍ରଦୀପ।

ହେଲେ କି ଶେଷ ହୁଏ ତୁମ ଜୀବନ ବୃତ୍ତାନ୍ତ ? ଶେଷ ହୁଏ କି ତୁମ ତ୍ୟାଗ, ତୁମ ଆଦର୍ଶ। ସେଇ ନିନ୍ଦୁକମାନେ ହିଁ ସଦୁପଯୋଗ କରନ୍ତି ତୁମ ନାମକୁ , ତୁମ ଟୋପିକୁ, ତୁମ ଖଦି ବସ୍ତ୍ରକୁ, ତୁମ ଚଷମା କୁ...- ଲୋକଙ୍କର ଆସ୍ଥା ଭାଜନ ପାଇଁ, ନିଜକୁ ମହିମା ମଣ୍ଡିତ କରିବାର ଦୁର୍ବାର ଲାଳସା ନେଇ !ମିଛ ଆଚରଣରେ, ତୁଚ୍ଛା ଉଚ୍ଚାରଣରେ ନିଜକୁ ଦେଖେଇ ହୁଅନ୍ତି ନିଜକୁ ତୁମରି ଦାୟଦ କହି..!!

ଦୀର୍ଘ ତିନି ଶହ ବର୍ଷ ଧରି ଉପନିବେଶବାଦୀ ଚାହୁଁଥିଲେ ଏ ଦେଶର ଏକତା କୁ ବିଖଣ୍ଡିତ କରି ନିଜ ସ୍ୱାର୍ଥ ହାସଲ କରିବା ପାଇଁ । ହେଲେ ବିବିଧତା ରୁ ଏକତା ସୃଷ୍ଟି କରିପାରିଥିଲ ତୁମେ। ଉପଯୋଗ କରିଥିଲ ତୁମ ସଂସ୍କାର ସଂହିତାକୁ...!

ରକ୍ତ ପିପାସୁ ଜୋକ ପାଇଁ ସାମାନ୍ୟ ଲୁଣ ହିଁ ଯଥେଷ୍ଟ। ଏକଥା କିଏ ଜାଣୁ ବା ନଜାଣୁ ତୁମେ ଜାଣିଥିଲ।ଏଇ ମାଟି ମାଆକୁ ଶୋଷଣ କରୁଥିବା ରକ୍ତମୁଖା ରାକ୍ଷସଙ୍କୁ ଦମନ କରିବାକୁ ତୁମେ ହିଁ ବାଜିଥିଲ ଅମୋଘ ଅସ୍ତ୍ର 'ଲୁଣ' କୁ ।

ଲୁଣ ଦାନାଟିଏ ବି ସ୍ୱାଭିମାନର ପ୍ରତୀକ ହୋଇପାରେ !ଲକ୍ଷ ସ୍ଥିର କରିପାରେ ! ହଜେଇ ଦେଇପାରେ ଶତ୍ରୁର ନିଦ !ଟଳମଳ କରିଦେଇପାରେ ଅତ୍ୟାଚାରୀର ଦମ୍ଭିଲା ପାଦ ! ବଦଳାଇବାକୁ ଆସ୍ପର୍ଦ୍ଧା କରେ ପରାଧୀନ ଦେଶର ଭାଗ୍ୟ..! ଦୁର୍ବାର ଇଚ୍ଛାଶକ୍ତିର ଜାଗୃତିରେ ତୁମେ ହିଁ ତ ସୃଷ୍ଟି କରିଥିଲ 'ଲବଣ ସତ୍ୟାଗ୍ରହ'ର ପରିକଳ୍ପନା,ଚେତନାର ନୂଆ ଉପପାଦ୍ୟ।


ସୁଦର୍ଶନ ମହାପାତ୍ର

ମୁଠାଏ ଲୁଣକୁ ସାମ୍ନାରେ ରଖି କେତେ ସହଜରେ ଯୋଡି ଦେଲ ଲୋକ ସହ ଲୋକକୁ,ଜାତି ସହ ଜାତିକୁ, ଧର୍ମ ସହ ଧର୍ମକୁ। ଏକାନ୍ତବୋଧରେ ବାନ୍ଧିଦେଲ ତମାମ୍ ଦେଶକୁ।

– ହେ ଯୋଦ୍ଧା ! ଲୁଣ କହିଲ ତ' ଲହଡ଼ି ଖେଳିଗଲା ସାରାଦେଶରେ ।ଡାକଟିଏ ମାରିଲ ତ' ଚଉଦିଗ କମ୍ପିଗଲା 'ହଁ' ଧ୍ୱନିରେ। ଲକ୍ଷପଥରେ ଚାଲିବା ଆରମ୍ଭ କଲ ତ' ଦୌଡିବାକୁ ଲାଗିଲା ଶହ ଶହ ପାଦ ତୁମ ପଛରେ। ସେଇଠୁ ବୁଝିଗଲେ ଜିଣିବାର ସ୍ୱାଦ , 'ପୂର୍ଣ୍ଣ ସ୍ୱରାଜ' ର ଗୂଢଭେଦ !!

ଲୁଣକୁ ବୀଜମନ୍ତ୍ର କରି ସତ୍ୟ, ଅହିଂସା, ଅସହଯୋଗ ଭଳି କିଛି ଶବ୍ଦକୁ ତୁମେ ଅସ୍ତ୍ର କଲ। ଛନକା ପଶିଲା ପ୍ରତିପକ୍ଷ ଛାତିରେ। ଛତ୍ରଭଙ୍ଗ ଦେବାକୁ ବିଚାର କଲା।ନା..ଆଉ ନୁହେଁ... ତିଷ୍ଠିବା ମୁସ୍କିଲ ଲୋକଟିର ଟାଣପଣ ପାଖରେ। କୋଟି ଲୋକଙ୍କୁ ଦେଶଭକ୍ତିରେ ଉଦବୁଦ୍ଧ କରିବାରେ..., ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ,ବିଭେଦତା ଭିତରେ ଏକତା ସୃଷ୍ଟି କରାଇବାରେ ସେ ହିଁ ସିଦ୍ଧହସ୍ତ।

ତୁମେ ହିଁ ତ ଥିଲ ଜାଗୃତିର ଜନକ ! ଲୋକନାୟକ ! ନବଚେତନାର ଉଚ୍ଛ୍ୱାସ, ହେ ପ୍ରିୟ ମହାତ୍ମା,ଜାତିର ପିତା...!!!

ସେ ଲୁହ ହେଉ ବା ଲହୁ...,ସ୍ୱେଦ ହେଉ ବା ସ୍ୱାଦ...! ସବୁଥିରେ ଥାଏ ଲୁଣର ଭାଗିଦାରୀ।ଧନୀ ଦରିଦ୍ର,ଜାତି ଧର୍ମର ଉର୍ଦ୍ଧ୍ୱରେ ଥାଏ ଏଇ ଲୁଣର ଆବଶ୍ୟକତା। ସେଥିପାଇଁ ତ ଲାଂଛିତ,ପତିତ, ଅବହେଳିତ ଅବା ସମ୍ଭ୍ରାନ୍ତ ବିନା ବାକ୍ୟ ବିନିମୟରେ ତୁମ ପଛରେ ଠିଆ ହୋଇଥିଲେ। ତୁମ ସହିତ ଗୁଣୁଗୁଣେଇବା ଆରମ୍ଭ କରିଥିଲେ ସ୍ୱାଧୀନତା ମନ୍ତ୍ର।

'ବୈଷ୍ଣବ ଜନ ତୋ ତେନେ କହିୟେ ଜୋ ପୀଡ ପରାୟୀ ଜଣେ ରେ...'ଝୁମି ଉଠିଥିଲା ସାରା ଭାରତ ।

କୁଞ୍ଜବିହାରୀ ଲେନ, କଟକ

## ଥରେ ଭେଟିବାକୁ ଇଚ୍ଛା

ଆଦ୍ୟାଶା ମହାପାତ୍ର



ତୁମେ ମନେପଡ
ଆଉ ଖୁବ୍ ମନେପଡ
ତୁମକୁ ଥରୁଟିଏ ଭେଟିବାକୁ
ଖୁବ୍ ଇଚ୍ଛା ବି ମୋର
ହେଲେ କାହିଁକି ଭେଟିନି ଏଯାଏଁ
କାରଣ ଖୋଜେ ବେଳେ ବେଳେ
ହେଇପାରେ
ସମୟ ଯାଚି ଦେଉନି ମୋତେ
ଗୋଟେ ମହାର୍ଘ ମୁହୂର୍ତ୍ତ
ତଥାପି ଖୋଜୁଛି ଅମୃତ ଲଗ୍ନଟିଏ
ତୁମ ସାକ୍ଷାତରେ କାଳେ
ଭରିଯିବ ମୋ ଜୀବନ ପାତ୍ର
ବନ୍ଧୁ ! ଏକଥା ନିରାଟ ସତ
ମୁଁ ଯୋଗାଡି ରଖିଥିଲି
ସ୍ନେହର ଖୁଦଭଜା ମୁଠେ
ଯାହା ତୁମେ ଭଲ ପାଉଥିଲ
କେଉଁ ଅତୀତରେ,
ହେଲେ ଭରସି ପାରିନି
ବାନ୍ଧିବାକୁ ସେତକ
ମୋ ସାତସିଆଁ ଛିଣ୍ଡା ଗାମୁଛାରେ
ଯେମିତି
ଆମ ଅବିନୀତ ସମ୍ପର୍କର ଡୋର,
ଅଚାନକ ଦଗା ଦେଇପାରେ
ମଝି ରାସ୍ତାରେ... !
ଅତଏବ
ଖାଲି ହାତଟାରେ
ସାହସ ନାହିଁ ମୋର
ତୁମକୁ ସଂଖୋଳିଯିବାକୁ,
ନିଜ ଭେକ ସଜାଡି ପାରିନି
ତୁମ ପ୍ରାସାଦର ଏରୁଣ୍ଡି ବନ୍ଧରେ
ପାଦ ଥାପିବାକୁ
ବଂଧୁ.... !
ତଥାପି ଇଚ୍ଛା ମୋର
ତୁମକୁ ଥରେ ଭେଟି ଆସିବାକୁ

ନୂଆପଡା, କଟକ

## ଗଛ ଲଗାଇବା ଧାଡ଼ିକି ଧାଡ଼ି

ସୁନୀଲ କୁମାର ପ୍ରଧାନ



ଗଛ ଲଗାଇବା ଧାଡ଼ିକି ଧାଡ଼ି
ଆସୁଅଛି ଦ୍ୱେ ବରଷା ଝଡି ।
ଗଛ ଲଗାଇବା ଧାଡ଼ିକି ଧାଡ଼ି
ଫୁଲ ପଡୁଥିବ ଗଛରୁ ଝଡି ।
ଗଛ ଲଗାଇବା ଧାଡ଼ିକି ଧାଡ଼ି
ହେବନାହିଁ ଆଉ ଧୋଇ ମରୁଡ଼ି ।
ଗଛ ଲଗାଇବା ଧାଡ଼ିକି ଧାଡ଼ି
କେଁ କଟକଟ ବେଙ୍ଗର ରଡ଼ି ।
ଗଛ ଲଗାଇବା ଧାଡ଼ିକି ଧାଡ଼ି
ସୂର୍ଯ୍ୟଙ୍କ କିରଣ ଯାଉଛି ପଡ଼ି ।
ଗଛ ଲଗାଇବା ଧାଡ଼ିକି ଧାଡ଼ି
ପର୍ବତେ ମୟୂର ଦେଉଛି ରଡ଼ି ।
ଗଛ ଲଗାଇବା ଧାଡ଼ିକି ଧାଡ଼ି
ପୃଥିବୀ ପିନ୍ଧିବ ସବୁଜ ଶାଢ଼ୀ ।

ଝାଟିପଦର,ପାଲୁର,ଗଞ୍ଜାମ
ମୋ – ୭୬୦୯୯୩୪୩୬୬

## ଜୀବନର ଜଳଛବି

ରତ୍ନକାନ୍ତି ମିଶ୍ର



ବାରମ୍ବାର ଚେଷ୍ଟା ସତ୍ତ୍ୱେ
ମରିହେଲା ନାହିଁ
ବଞ୍ଚିବାର ଜଳଛବି ଯେ ସୁନ୍ଦର
ପ୍ରତୀୟମାନ ହେଲା
ମରିବାକୁ ଚାହୁଁଥିବା ବେଳେ
ଅଥଚ....
ଜୀବନ କି ବିଚିତ୍ର
ଭରପୁର ଜୀଇଁବାକୁ
ଚାହିଁଲା ବେଳକୁ
ଏଣେ ଆୟୁଷ ଶେଷ
ହାତରେ ସମୟ ନାହିଁ ଜମା
ତେଣୁ ଅନୁଶୋଚନାରେ
କିଛି ଲାଭ ନାହିଁ
ନିଜକୁ ଜଣେ ପରିବ୍ରାଜକ ଭାବି
କିଛି ଦିନ ଜୀଇଁଗଲେ ହେଲା
ସମୟର ସ୍ୱଚ୍ଛତା ଦୃଷ୍ଟିରୁ
ନିଜେ ହସି
ଅନ୍ୟକୁ ହସାଇ
ଦୁନିଆରୁ ଚାଲିଗଲେ ହେଲା

କୁଞ୍ଜବିହାରୀ ଲେନ, କଟକ

## ଅଛି ତ ବହୁତ ଉପାୟ ହେଲେ ଖୋଜେ କିଏ ?

ଜଗଦୀଶ ପଣ୍ଡା



ଶେଷ ପରେ ପ୍ରକୃତ ଆରମ୍ଭ
ହେଲେ ବୁଝେ କିଏ ?
ମସ୍ତିଷ୍କ ମୁଣ୍ଡରେ ଧରି
ଭାବୁଛ ସବୁ ଗଲା ସରି
ବୋତଲରେ ପାଣି ଭରି
ନା ହେଇଗଲା ବିସ୍‌ଲେରି
ମାଗଣା ପବନ ବିକ୍ରି କରି
ବେଲୁନ ବାଲା ବେପାରୀ
ବାସ ଆଉ କଣ ଦରକାର
ଉପାୟ ଥିଲେ ତୁମେ ହିଁ ସରକାର
ତେବେ ବୃଥା ଆସ୍ଫାଳନେ ନାହିଁ
ପ୍ରୟୋଜନ
ହାରିଗଲେ ଜୀବନଟା ଲାଗେ ନିର୍ଜନ
ଆସୁ ଯେତେ ଅଛି ଡିପ ଖାଲ
ହସିଦେଇ ଟିକେ ଆଗକୁ ଚାଲ
ଯାହା କରିବେ ସାଇ
ତାହା କାହା ହାତରେ ନାହିଁ
କରିଚାଲ ସବୁ ସୁକର୍ମ
ଆସିବ ଦିନେ ଭଲ ଦିନ
ବୃଥା କଥାକୁ ଆଣନା ମନେ
କରିଲେ କାମ, ଉପାୟ ଆସିବ ମନେ

ଅଲାଡିଗାଁ, ଗଂଜାମ

## ଲୁଚକାଳି

ସୁଧାକର ରାଉତ



ମେଘମନସ୍କ ମନ
ଆଖି ଆଗେ ଦେଖେ ତାର
ଉଜୁଡ଼ା ଫସଲ ।
ନିରିମାଖୀ ଶ୍ରାବଣ ପାଇଁ
ଆକାଶଟା ନିଷ୍ଠୁର ହୋଇଣ
ହୃଦୟକୁ ଫଟା ଭୂଇଁ ଜାଣି
କଲା ନାହିଁ ସେ ଗେଲ ।
ଉଦ୍ଭଟ ଚିନ୍ତାରେ ପ୍ରାଣ
ହୁଅଇ ଅନ୍ଧାର ।
ଭଙ୍ଗା ସପନ ସବୁ
ଅସଜଡ଼ା ରହି
କରେ ହାହାକାର ।
ଆଶାର ଖଣ୍ଡିଆ ଭୂତ
କେତେ ଚିତ୍ର ଆଙ୍କେ ?
ଆଉ ଲିଭାଇ ଦିଏ
ଇଚ୍ଛାଟା ତା ସମ୍ପୂର୍ଣ୍ଣ ନିଜର ।
ପ୍ରକୃତି ତ କ୍ରୋଧ ବହି
ହୁଏ ସ୍ୱାର୍ଥପର ।
ପଥ ଭ୍ରଷ୍ଟା ପଥିକ ପରି
ବନ୍ୟା ,ବର୍ଷା ,ଭୂସ୍ଖଳନ ଦେଖାଏ
ତା ପାଦ ଚିହ୍ନର ସ୍ୱାକ୍ଷର ।
ଲୁଚକାଳି ଖେଳିବାଟା
ସତେ ତାର
ଜନ୍ମଗତ ଅଧିକାର ।
ଆମ୍ଭ ଗୋପନ କରନ୍ତି
ଶବ୍ଦ ମାନେ
ଓଠୁ ବାହାରି
ଦେଖି ଶୂନ୍ୟ ପଣ
ସମୟର ।

ପ୍ରତାପ ନଗରୀ,କଟକ
ମୋ-୮୨୪୯୯୩୨୭

## ପଲକେ ପଲକେ ତୁମ ରୂପ ଝଲକେ

କବିରନ୍ନ ନୂତନ କୁମାର ବେହେରା



ପଲକେ ପଲକେ ତୁମ ରୂପ ଝଲକେ
ଦେଖେ ତୁମକୁ ସପନେ ଶୋଇ ପଲଙ୍କ ?
ଦିବସର ଉଜ୍ଜ୍ୱଳ ସୁନେଲି ଆଲୋକେ
ସଦ୍ୟ ଫୁଟା ଫୁଲ ପରି ତୁମ ବାସ ମହକେ
ଢ଼ିଳିଯାଏ ସବୁ ମୋ ମନର ମୂଳକେ
ପଲକେ ପଲକେ ତୁମ ରୂପ ଝଲକେ
ଦ୍ୱେ ଲୁହାଏ ଆଖି ତୁମ ପାଇଁ ଫରକେ
ତୁମ ସୁନ୍ଦର ରୂପ ଲାବଣ୍ୟ ଆଗେ ଝଟକେ
ପ୍ରାଣେ ପ୍ରାଣ ସଞ୍ଚରି ନାଚେ ନବ ପୁଲକେ
ଦେଖୁଛି ତୁମକୁ ଥରକୁ ଥର ନୟନ ଝରିକେ
ପଲକେ ପଲକେ ତୁମ ରୂପ ଝଲକେ
ତୁମଠାରେ ଦୃଷ୍ଟି ମୋର ଯାଇ ଅଟକେ
ମନ ଘୁରି ବୁଲେ ତୁମ ଘର ପାଖ ଫାଟକେ
ବିରହ ବେଦନାରେ ଆଭିଜେ ଲୋତକେ
ନାଁ ତୁମର ଲେଖି ଦେଇଛି ହୃଦୟ ଫଳକେ
ପଲକେ ପଲକେ ତୁମ ରୂପ ଝଲକେ
ତୁମକୁ ଭଲ ପାଉଥିବି ଏ ଜୀବନ ଯାକେ
ଦିନ କାଟିବି ତୁମ ସହିତ ପବିତ୍ର ସଂପର୍କେ
ତୁମ ଗୁଣେ ହେବି ଗୁଣୀ ଜୀବନ ସ୍ତବକେ
କାୟା ସାଥେ ଛାୟା ହେବି ତୁମ ସହାୟକେ
ପଲକେ ପଲକେ ତୁମ ରୂପ ଝଲକେ
ସାଥୀ କରି ଆଣିବି ସିନ୍ଦୁର ଦେଇ ମସ୍ତକେ
ମୁଁ ସାଇତି ରବି ତୁମକୁ ହୃଦୟ ସିନ୍ଧୁକେ
ପ୍ରେମର ପ୍ରଦୀପ ଜାଳି ଜ୍ଞାନ ବୁଦ୍ଧି ବିବେକେ
ନିଜକୁ ସମର୍ପି ଦେବି ଜୀବନର ସାର୍ଥକେ
ପଲକେ ପଲକେ ତୁମ ରୂପ ଝଲକେ।

କୋହି,ବାରିପଦା,ମୟୂରଭଞ୍ଜ
ମୋ.ନଂ.- ୮୦୧୮୩୫୩୩୨୨

## ସ୍କୁଲ ବେଳର ଫୋଟ

ଲକି ମହାରଣା



ଷଷ୍ଠ ଠାରୁ ଦଶମ ଯେଉଁଠି ପଢୁଥିଲି ମୁଁ ପାଠ
ଏଇ ହେଉଛି ସେ ସ୍କୁଲ ବେଳର ଫୋଟ ॥
କେତେ ଖୁସି ମଜାରେ କଟୁଥିଲା ଆମ ବେଳ
କେତେଯେ ନୂଆଁ ସାଙ୍ଗ ସାଥି ଙ୍କର ମେଳ ॥
ପ୍ରଥମ ଠୁ ପଞ୍ଚମ ପାଞ୍ଚ ବରଷ ଗଲା ପରେ
ଷଷ୍ଠ ଠାରୁ ପାଦ ଦେଲି ଏଇ ଉଚ୍ଚ ବିଦ୍ୟାଳୟରେ ॥
ଆମ ଘର ଠାରୁ ଥିଲା ଏହା ବହୁତ ଦୂରରେ
ଦୁଇ ଭଉଣୀ ମିଶି ଯାଉଥିଲୁ ଆମେ ସାଇକଲ୍ ରେ ॥
ସେଠି ପ ?ାଉଥିଲେ ଶିକ୍ଷକ ଶିକ୍ଷୟତ୍ରୀ ବାର ଜଣ ଆମକୁ
ଭଲ ଶିକ୍ଷା ଦେଇ ସୁନ୍ଦର କରି ଗଢିଦେଲେ ଆମ ଜୀବନକୁ ॥
ଶିକ୍ଷକ ଭିତରେ ପ୍ରଧାନ ଶିକ୍ଷକ ଥିଲେ ବହୁତ ଭଲ ଆମର
ଝିଅ ଠାରୁ ଅଧିକା ସେହ୍ନ ଦେଇଥିଲେ ଛାତ୍ରୀ ମାନଙ୍କୁ ତାଙ୍କର ॥
ସମସ୍ତ ଗୁରୁ ମାନେ ଭଲ ଶିକ୍ଷା ଦେଉଥିଲେ ଆମକୁ
ଆମେ ସମସ୍ତେ ଭୁଲି ପାରିବୁନି କେବେ ତାଙ୍କୁ ॥
ଶ୍ରେଣୀରେ ଅନୋଜ ସାର୍ ଥିଲେ ବିଜ୍ଞାନ ଶିକ୍ଷକ ଆମର
ସତେ ଯେପରି ସେ ଥିଲେ ଗୋଲ କିପର ॥
ପ୍ରତେକ କଥାରେ ଗାଳି ଦେଉଥିଲେ ମଞ୍ଜୁଳା ଦିଦି ଆମର
ସେ କେହି ନୁହନ୍ତି ସେ ହେଉଛନ୍ତି ଆମ ପି.ଟି ଟିଚର ॥
ପୁଷ୍ପା ଦିଦି ଥିଲେ ଆମ ସମସ୍ତଙ୍କର ପ୍ରିୟ
ପ ?ାଉଥିଲେ ଆମକୁ ସେ ସାହିତ୍ୟ ॥
ଗଣିତ ପ ?ାଉଥିଲେ ବିଜୟା ଦିଦି ଆମକୁ
ଗଣିତ ପରୀକ୍ଷାରେ ଅଙ୍କକେ ବର୍ତ୍ତିଲି ତାଙ୍କ ଯୋଗୁ ॥
ସମସ୍ତ ଙ୍କ ପାଖରେ ରହିଛି ଅନେକ ସ୍ମୃତି
ମାନେ ପକାଉଥିଲି ଫୋଟ କୁ ଦେଖି ଏମିତି ॥
ସମୟ ଅପେକ୍ଷା କରେନା କାହାକୁ ବ ?ଲି ଶୁଣିଥିଲି
ଏବେ ସାଙ୍ଗ ସାଥିଙ୍କୁ ଦେଖିଲେ ସେକଥା ସତ ବୋଲି ଜାଣିଲି ॥
ବୋହୁ ବର୍ଷ ପରେ କେବେ ହେଲେ ସାଙ୍ଗ ମାନଙ୍କ ସହ ଭେଟ
ଘରେ ଆସି ଦେଖୁଥାଏ ଏଇ ଆମ ସ୍କୁଲ ବେଳର ଫୋଟ ॥

ପୁରୁଷୋତ୍ତମପୁର,(ଗଞ୍ଜାମ)

# ଦୂରଦୃଷ୍ଟି

ବଡି ସକାଳୁ, ସକାଳବୁଲା ସାରିବା ପରେ ଦୁଇ ବନ୍ଧୁ, ନଟ ଓ ଜଟ ସବୁଦିନ ପରି ଚା' ପିଇବା ପାଇଁ ଚାଳିଆ ଦୋକାନ ଆଡକୁ ମୁହେଁଇଲେ । ଘରକୁ ଯିବା ପୂର୍ବରୁ ଖାଲି ଚା ପିଇବା ଉଦ୍ଦେଶ୍ୟ ନେଇ ନୁହେଁ ରାଜ୍ୟ, ଦେଶ ଓ ବିଦେଶର ଖବର ବିଷୟରେ ଚର୍ଚ୍ଚା କରନ୍ତି ଦୁହେଁ ସେଇଠି । ଦୁଇ - ତିନୋଟି ଖବରକାଗଜର ଖବର ଉପରେ ଆଲୋଚନା ଓ ସମାଲୋଚନା ବି ହୁଏ । ଏମିତି କଥା ପଡୁ ପଡୁ ଯାଇ କଥା ଅଟକିଗଲା ଶ୍ରୀରାମ ଚନ୍ଦ୍ରଙ୍କ ସୀତାକୁ ଆଣିବା ପାଇଁ ଲଙ୍କା ଉପରେ ଆକ୍ରମଣ କଥାରେ । ଦୁଇ ବନ୍ଧୁ ନିଜର ବୁଦ୍ଧି ଲଗେଇ ଯେଉଁ ତର୍ଜମା ଟି କଲେ, ତାହା ଥିଲା ଏହିଭଳି :-

ନଟ :- ଜାଣିଛୁ ସାଙ୍ଗ, ଶ୍ରୀରାମ ଚନ୍ଦ୍ର ମାତା ସୀତାଙ୍କୁ ଫେରାଇ ଆଣିବା


ଶ୍ରୁତକୀର୍ତ୍ତି ତ୍ରିପାଠୀ

ସକାଶେ ରାବଣ ସହ ଯୁଦ୍ଧ କରିବା ପାଇଁ ସୈନ୍ୟ ସାମନ୍ତ ଙ୍କ ପରିବର୍ତ୍ତ ବାନର ସେନା କୁ କାହିଁକି ନେଇଥିଲେ ?

ଜଟ :- ସାଙ୍ଗ, ତୁ ତ ଜାଣିଥିବୁ ମାଙ୍କଡ଼ ମାନେ ମଣିଷ ମାନଙ୍କ ଅପେକ୍ଷା ଅଧିକ ଫୁର୍ତ୍ତିରେ କାମ କରନ୍ତି । ଆଉ ମଧ୍ୟ ଶ୍ରୀରାମଙ୍କ ପ୍ରତି ଥିବା ତାଙ୍କ ଭକ୍ତି ଭାବନାକୁ କିଏ ବା ଅଣଦେଖା କରିପାରେ । ସେଥିପାଇଁ ଏ କାମରେ ଏମାନଙ୍କ ସାହାଯ୍ୟ ନେବା ଠିକ ହବ ବୋଲି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଭାବି ଥିବେ !

ନଟ :- ନା, ନା । ଯା ପଛର ଅସଲ ରହସ୍ୟ ଟି କଣ ଜାଣିଛୁ ? ଯଦି ପ୍ରଭୁ ବାନର ଦଳଙ୍କ ସ୍ଥାନରେ ମଣିଷ ମାନଙ୍କୁ ସ୍ୱର୍ଣ୍ଣ ନିର୍ମିତ ଲଙ୍କା କୁ ନେଇଥାନ୍ତେ, ସେମାନଙ୍କ ଭିତରୁ ଅନେକ ସୁବର୍ଣ୍ଣର ଚାକଚକ୍ୟରେ ଅନ୍ଧ ହୋଇ ଶ୍ରୀରାମଙ୍କ ସହ ମଧ୍ୟ ବିଶ୍ୱାସଘାତକତା କରିବାକୁ ସୁଦ୍ଧା ପଛେଇ ନ ଥାନ୍ତେ ! ନିଜ ନିଜ ସ୍ୱାର୍ଥ ସାଧନ ପାଇଁ ଧନ ଓ ସମ୍ପତ୍ତି ହାତେଇବାରେ ସେମାନଙ୍କ ଅଧିକାଂଶ ସମୟ ଯାଇଥାନ୍ତା ।

ଜଟ :- ହଁ ହଁ ! ଠିକ କଥା ତ ! ମର୍ଯ୍ୟାଦା ପୁରୁଷୋତ୍ତମ ଙ୍କ କି ଚମତ୍କାର ଦୂରଦୃଷ୍ଟି ! ସେ ମାନବ ଓ ବାନର ଭିତରୁ ବାନର ମାନଙ୍କୁ ଚୟନ କରି ଅତ୍ୟନ୍ତ ବୁଦ୍ଧିମାନର କାର୍ଯ୍ୟ କରିଛନ୍ତି । ଅଯୋଧ୍ୟାର ଏତେ ବଡ଼ ସେନାକୁ ସାଥିରେ ନ ନେଇ ବାନର ସେନା ସହାୟତାରେ ଲଙ୍କା ବିଜୟ କରିବା ଏକ ଦୂରଦୃଷ୍ଟି ସମ୍ପର୍ଣ୍ଣ ରାଜାର ଲକ୍ଷଣ । ସେ ଠିକ ଜାଣିଥିଲେ ଯେ ମଣିଷ ପଛକେ କେବେ ବିଶ୍ୱାସଘାତକତା କରିପାରେ, ହେଲେ ସରଳ ପଶୁମାନେ ଏଭଳି କର୍ମରେ କେବେହେଲେ ଜଡ଼ିତ ହେବେ ନାହିଁ ।

ଫୋନ – ୬୩୭୦୫୧୬୪୭୮
ଭୁବନେଶ୍ୱର




# ସନ୍ଥକବି ଭୀମଭୋଇ





ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଚ୍ଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି ‘ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ’। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଚନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

**ଅଲେଖ ଚନ୍ଦ୍ର ସାମଲ**, ଓଏଫଏସ-୧ (ଏସବି), ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍), ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ‘ଆହ୍ୱାନ’ ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା’ ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା’ ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରିପାଠୀ, ହାଡ୍ଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ମା’ ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ





ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା’ ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ। ମା’ ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ। ଏତଦ୍‌ବ୍ୟତିତ ଲୋକମୁଖରେ ମା’ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ। ମା’ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ। ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ। କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା’ ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ



କରିଥାନ୍ତି। ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା’ ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା’ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ। ମା’ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି



ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି। ମା’ ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା’ଙ୍କ ପୂଜକ ଗାଧୁଆ ନୀତି ସମ୍ପନ୍ନ କରିଥାନ୍ତି। ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ। ମା’ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ। ମନ୍ଦିରର ପୂଜକ ଓ ମାଳି ମା’ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଲି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି। ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି। ଏହି ସମୟରେ ମା’ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା’ଙ୍କ ନିକଟରେ ଭୋଗ ଲଗାଇଥାନ୍ତି। ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି। ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ



ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି। ମା’ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି



ଏହି ବନ୍ତକୁ ସାତଥର ପ୍ରଦକ୍ଷିଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି। ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି। ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା’ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା’ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ। ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା’ ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ। ମା’ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ। ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା’ ରାମଚଣ୍ଡୀ ଉନ୍ନୟନ କମିଟି, ମା’ ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା’ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା ହଣ୍ଡିଭଙ୍ଗା ଯାତ।



କେବଳ ପରମ୍ପରା ରକ୍ଷା କରାଯାଇଥିଲା। ଚଳିତ ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ। ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା’ ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ। ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡ଼ିର



ମା’ ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢ଼ିଆଳିର ରଘୁନାଥ ଜିୟୁ ରାମନାଚ ସଂସଦ ପକ୍ଷରୁ ଲବକୁଶ ଜନ୍ମ ପରିବେଷଣ କରାଯିବ। ୧୨ ତାରିଖ ଗୁରୁବାର ମା’ ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା’ ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ ସଭା ଓ ରାତ୍ର ୯ଟାରେ ନୟାଗଡ ପୁଆଣିଆର ମା’ ବ୍ରହ୍ମଣ ଦେବୀ ରାମନାଚ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି



ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ ନାୟକ, ସଦାଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ,



ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

**—ଅଜିତ କୁମାର ମଲ୍ଲିକ**
କୋଣାର୍କ, ମୋ: ୭୯୭୮୦୧୧୫୩୮

**DISPLAY CLASSIFIED**

FOR ADVERTISEMENT
CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ସାଧାରଣ ଲୋକଙ୍କ ଖବରକାଗଜ

ଖେଳ

ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Bhubaneswar Sunday August 20, 2023 ଭୁବନେଶ୍ୱର ରବିବାର, ଅଗଷ୍ଟ ୨୦,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ନୀଳକଣ୍ଠ ନଗର ଶିଶୁ ମନ୍ଦିର ରେ ଆଜାଦୀ କା ଅମୃତ ମହୋତ୍ସବ !!

ବ୍ରହ୍ମପୁର: ( ଚିନ୍ମୟୀ ପାଣିଗ୍ରାହୀ) (ପି.ଏନ):କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟ ଓ ଭାରତୀୟ ସାମାଜିକ ଏବଂ ସାଂସ୍କୃତିକ ଅଧ୍ୟୟନ ପ୍ରତିଷ୍ଠାନ ଆନୁକୂଲ୍ୟରେ ଆଜାଦୀ କା ଅମୃତ ମହୋତ୍ସବ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପାଳିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଶ୍ୱ ବିଦ୍ୟାଳୟ ର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ସ୍ୱାଧୀନତା ର ୭୫ ବର୍ଷ ଉପରେ ବିଷୟ ରଖିଥିଲେ ଏହା ସହ ଓଓଝରଜ ପ୍ରଫେସର ନିହାର କୁମାର ପାତ୍ର ଲୁକ୍କାୟିତ ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ କହିଥିଲେ ଏବଂ ସରୋଜ ସାବତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଜାତୀୟତାବୋଧରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏସେ, ଡିବେଟ, ଏବଂ ରଙ୍ଗୋଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି




ପ୍ରତିଯୋଗିତାରେ କୃତି ଛାତ୍ର,ଛାତ୍ରୀ ଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ନୀଳକଣ୍ଠ ନଗର ପକ୍ଷରୁ ଅଧକ୍ଷ ସୁବ୍ରତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସ୍ୱାଗତ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ ଓ ସୁନୀଲ କୁମାର ଦୋରା ଧନ୍ୟବାଦ ଦେଇଥିଲେ।

## ପାରାଦୀପ ଫସଫେଟ ମଜଦୁର ୟୁନିଅନର ଦାବୀ ମାନିଲେ ପିପିଏଲ କ୍ତୃପକ୍ଷ : ବଢିଲା ଠିକା ଶ୍ରମିକଙ୍କ ଦରମା

ପାରାଦୀପ ,(ପି.ଏନ): ପାରାଦୀପ ଫସଫେଟ ଲିମିଟେଡ୍(ପିପିଏଲ) ସାର କାରଖାନାରେ କାର୍ଯ୍ୟରତ ଠିକା ଶ୍ରମିକ ମାନିଙ୍କ ମାସିକ ଦରମା ବୃଦ୍ଧି ପାଇଁ ପିପିଏଲର ପାଖାପାଖି ୨୦୦ ଜଣ ସଭ୍ୟ ଥିବା ବୃହତ ଶ୍ରମିକ ସଂଘ ପାରାଦୀପ ଫସଫେଟ ମଜଦୁର ୟୁନିଅନ (ପିପିଏମୟୁ) ଦୀର୍ଘ ଦୀନ ଧରି ଦାବୀ କରି ଆସୁଥିଲେ।

# ଫାଇଭ ଟି ସଚିବଙ୍କ ନିମାପଡା ଗ୍ରସ୍ତ

ନିମାପଡ଼ା,(ପି ଏନ)ଆଜି ଫାଇଭ ଟି ସଚିବ ଭି କେ ପାଣ୍ଡିଆନ ଏକ ସ୍ୱତନ୍ତ୍ର ହେଲିକ୍ୟାପ୍ଟର ରେ ପୁରୀ ଜିଲ୍ଲା ର ନିମାପଡା ନିର୍ବାଚନମଣ୍ଡଳୀ ଗ୍ରସ୍ତ କରି ଆୟୋଜିତ ସମାବେଶରେ ଯୋଗଦେଇ ଜନସାଧାରଣ ଙ୍କ ଠାରୁ ବିଭିନ୍ନ ଅଭିଯୋଗପତ୍ର ଗ୍ରହଣ କରିବା ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟପାଇଁ ଅନୁଦାନ ଘୋଷଣା କରିଥିଲେ। କୋଣାର୍କର ପାରିପାର୍ଶ୍ୱିକ ବିକାଶ ପାଇଁ ୨୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ପ୍ରକାଶ କରିବା ସହିତ ବିଭିନ୍ନ ମନ୍ଦିର, ମସଜିଦ ର ନିର୍ମାଣ କାର୍ଯ୍ୟ ପାଇଁ ସରକାର ସାହାଯ୍ୟ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଭିନ୍ନ ଗ୍ରାମ ରେ ଥିବା ଅବ୍ୟବହୃତ ସରକାରୀ ଗୃହ, ବ୍ଲକ,ପଞ୍ଚାୟତ ପକ୍ଷରୁ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଗୃହ କୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଚାହିଁଲେ ତାଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ଜନସାଧାରଣ କରିଥିବା ଅଭିଯୋଗ ସବୁ ର ୭ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।୫ ଟି ସଚିବ ନିର୍ଦ୍ଧାରିତ ସମୟଠାରୁ ଏକ ଘଣ୍ଟା ବିଳମ୍ବରେ ନିମାପଡ଼ା ଠାରେ ପହଞ୍ଚିଥିଲେ। ପ୍ରାୟ ୫୦୦ ରୁ ଊର୍ଦ୍ଧ ବସ ଯୋଗେ ବିଭିନ୍ନ ପଞ୍ଚାୟତ ରୁ ହଜାର ହଜାର ମହିଳା ମାନଙ୍କୁ ସଭାସ୍ଥଳ କୁ ଅଣାଯାଇଥିଲା। ପ୍ରବଳ ଭିଡ଼ ଯୋଗୁଁ ନିମାପଡ଼ା ରେ ଟ୍ରାଫିକ ବ୍ୟବସ୍ଥା ଘଣ୍ଟା ଘଣ୍ଟା ଧରି ବିପର୍ଯ୍ୟସ୍ତ ହୋଇପଡିଥିଲା। ଭିଡ ଭିତରେ ଆମ୍ବୁଲାନ୍ସ ମଧ ଘଣ୍ଟା ଧରି ଅଟକି ରହିଥିବା ଦେଖିବାକୁ ମିଳିଥିଲା।

# ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ ପାଳିତ

ଦର୍ପଣ(ପି.ଏନ), ପିଏନ) ବଡଚଣା ଶିକ୍ଷାମଣ୍ଡଳ ଅଧିନସ୍ଥ ନୂଆହାଟ ସ୍ଥିତ ବିଷ୍ଣୁ ସାମନ୍ତ ରାୟ ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟର ଅଧକ୍ଷ ପବିତ୍ର ମୋହନ ମାହାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶାର ଉଚ୍ଚଶିକ୍ଷା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ଯେଉଁ ମହାମନିଷୀମାନଙ୍କ ତ୍ୟାଗ, ତିତିକ୍ଷା ଓ ମହତ ଉଦ୍ଦେଶ୍ୟ ରଖି ଗ୍ରାମାଂଚଳରେ ଶିକ୍ଷାର ପ୍ରଚାର ପ୍ରସାଗ ପାଇଁ ଅପରି ମହାବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି ସେମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ଆମମାନଙ୍କର ପ୍ରଧାନ କର୍ତବ୍ୟ ବୋଲି କହିବା ସହିତ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନାମାନ ପ୍ରଣୟନ କରିଛନ୍ତି। କେବଳ ଉଚ୍ଚ ଅଟ୍ଟାଳିକା ଓ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ଥିଲେ ଶିକ୍ଷାର ଉନ୍ନତି ହେବ ତାହା ନୁହେଁ, ଛାତ୍ରଛାତ୍ରୀମାନେ ନିଜ ଭିତରେ ଥିବା ପ୍ରତିଭାକୁ ବିକଶିତ କରି ଉକ୍ତ ମହାବିଦ୍ୟାଳୟକୁ ଏକ ଆଦର୍ଶ ଶିକ୍ଷାନୁଷ୍ଠାନରେ ପରିଣତ କରିବାକୁ ଆହ୍ୱାନ ଦେବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା କ୍ଷେତ୍ରରେ ଓଡିଶା ଯେଉଁ ଅଗ୍ରଗତି କରିଛି ସେଥିରେ ଏହି ଅନୁଷ୍ଠାନକୁ ସାମିଲ କରିବା ସହିତ ଆଗାମୀ ଅଳ୍ପ ଦିନ ଭିତରେ କଲେଜକୁ ଏକ ଶୁଭ ସୂଚନା ଦେବେବୋଲି କହିଥିଲେ। ଉଦଘାଟକ ଭାବେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଭାବେ ଯୋଗଦେଇ ବଡ ମଣିଷ ନହୋଇ ଭଲ ମଣିଷ ହେବା ସହିତ ଛାତ୍ରଛାତ୍ରୀମାନେ ନିଜର ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାରେ ଶିକ୍ଷାନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହିତ ଉକ୍ତ କଲେଜକୁ ଏକ ଆଦର୍ଶ ମହାବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତ ସାହାଯ୍ୟ ସହ ଯୋଗ ଯେଗାଇ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ପ୍ରାଧ୍ୟାପକ ତ୍ରିଲୋଚନ ରାଉତ, ସମ୍ମାନୀୟ ଅତିଥି ଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟର କୁଳପତି ସବିତା ଆଚାର୍ଯ୍ୟ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବହୁ ଉପାଦେୟ ଉପଦେଶ ଦେଇଥିଲେ। ରାଜନିତୀ ବିଜ୍ଞାନର ଅଧପକ ବ୍ରଜକିଶୋର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମାଜ ବିଜ୍ଞାନର ବରିଷ୍ଠ ଅଧାପକ ପ୍ରମୋଦ କୁମାର ଖଣ୍ଡାଇ କଲେଜର ୪୪ ବର୍ଷର ଇତିହାସ ବର୍ଣ୍ଣନା କରିଥିଲେ। ଏହି ଅବସରରେ କଲେଜର ମଖପତ୍ର, ପାହାଚକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅଧାପକ ପ୍ରଦୀପ କୁମାର ବରାଳଙ୍କ ସଂଯୋଜନାରେ କଲେଜର ବରିଷ୍ଠ ପରିଚାଳନା କମିଟି ସଭ୍ୟ ପ୍ରଦୀପ୍ତ କୁମାର ପରିଡା ସମେତ କଲେଜର ପୂର୍ବତନ ଅଧକ୍ଷ, କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କ୍ରୀଡା କ୍ଷେତ୍ରରେ ଜାତୀୟ ଓ ରାଜ୍ୟ ସ୍ତରୀୟ ପ୍ରତୀଯୋଗିତା କଲେଜ ପାଇଁ ଗୌରବ ଆଣିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଇଂରାଜୀ ବିଭାଗର ଅଧାପିକା ଅମ୍ବିକା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରହ୍ମପୁରରେ ବିଶ୍ୱ ଫୋଟୋଗ୍ରାଫି ଦିବସ ପାଳନ କଲେ ଫୋଟୋଗ୍ରାଫର



ବ୍ରହ୍ମପୁର,(ପି.ଏନ): ବିଶ୍ୱ ଫୋଟଗ୍ରାଫି ଦିବସ ଅବସରରେ ବ୍ରହ୍ମପୁର ସିଲ୍କସିଟି ଫୋଟୋଗ୍ରାଫି ଏସୋସିଏସନ ଓ ଗଞ୍ଜାମ କେମେରା କ୍ଲବ ତରଫରୁ ବ୍ରହ୍ମପୁର ଗୋକୁଳଧାମ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଆଯାଇଅଛି। ଏହି କାର୍ଯ୍ୟକ୍ରମରେ ଫୋଟୋଗ୍ରାଫିର ବିଭିନ୍ନ ଦିଗ ଓ ଉନ୍ନତ କଳା କୌଶଳ ଉପରେ ଅତିଥି ମାନେ ଆଲୋକପାତ କରିଥିଲେ। ବର୍ତ୍ତମାନ ସମାଜର କିଛି ବର୍ଗ ଏହାକୁ ପେସା ଭାବରେ ଗ୍ରହଣ କରୁଥିବା ବେଳେ ଯୁବ ସମାଜ ପାଇଁ ଏକ ନିଶା ଭାବେ ଗ୍ରହଣୀୟ ହୋଇଛି। ଏହି ସ୍ଥିରଚିତ୍ର କଳାର କିପରୀ ବହୁଳ ପ୍ରଚାର ଓ ପ୍ରସାର ହୋଇ ପାରିବ ଆଗାମୀ ଦିନ ମାନଙ୍କରେ ଏକ ବିଶାଳ ଫୋଟୋଗ୍ରାଫିର ପ୍ରଦର୍ଶନୀ କରାଇ ନୂଆଁ ସମ୍ଭାବନା ସୃଷ୍ଟି କରିବା ନେଇ ଆଜିର ମୁଖ୍ୟ ବକ୍ତା ସନ୍ୟାସୀ ମହାରଣା ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ବ୍ଲକସ୍ତରୀୟ କର୍ମକର୍ତ୍ତାଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଓ ସ୍ମାରକୀ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବରେ ଶ୍ରୀ ଦୀପକ ପାତ୍ର, ଶ୍ରୀ ମାଧବ ପାତ୍ର, ମୁଖ୍ୟ ବକ୍ତା ଭାବେ ଶ୍ରୀ ସନ୍ୟାସୀ ମହାରଣା, ଏବଂ ସମ୍ମାନିତ ଅତିଥି ଭାବେ ଶ୍ରୀ ବିଷ୍ଣୁ ବିଶ୍ୱାଳ ଶ୍ରୀ ସନ୍ତୋଷ ପାତ୍ର, ଶ୍ରୀ ଡ଼ି ଏଲ ସତପଥୀ, ଶ୍ରୀ ଅଶୋକ ବେହେରା, ଶ୍ରୀ ସରୋଜ କୁମାର ସାହୁ, ଶ୍ରୀ ମଧୁସୂଦନ ରେଡି ,ଶ୍ରୀ ତାରା ପଟ୍ଟନାୟକ, ଶ୍ରୀ ଗୌରୀ ଶଙ୍କର ମହାଙ୍କୁଡ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଉଦଘୋଷକ କାର୍ତ୍ତିକ ପାଣିଗ୍ରାହି ମଞ୍ଚ ସଞ୍ଚାଳନ କରିଥିବା ବେଳେ ଅନୁଷ୍ଠାନର ରଂଜିତ, ମୁନା, ମୁରଲୀ, ନଳିନିକାନ୍ତ, ରୀଙ୍କୁ ,ଲିଟୁ ପ୍ରମୁଖ ପରିଚାଳନା କରିଥିଲେ। ଉକ୍ତ ଅଧିବେଶନରେ ସଭାପତି ଭାବରେ ମନୋରଞ୍ଜନ ରଣା ,ଉପସଭାପତି ଭାବରେ ମୁରଲୀ , ସମ୍ପାଦକ ଭାବରେ ରଂଜିତ ପ୍ରଧାନ , ଯୁଗ୍ମ ସମ୍ପାଦକ ଭାବେରେ ବିଶ୍ୱମ୍ଭର ବେହେରା , ତାରା ପଟ୍ଟନାୟକ ଓ ରୀଙ୍କୁ ସାହୁ ,କୋଷାଧ୍ୟକ୍ଷ ଭାବରେ ନଳିନିକାନ୍ତ ବାଡ଼ତ୍ୟା ଓ ମାର୍ଗଦର୍ଶକ ଭାବରେ ଗୌରୀ ଶଙ୍କର ମହାଙ୍କୁଡ ଓ ସରୋଜ ସାହୁ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅପସ୍ମାର,ସ୍ନାୟୁଗତ ଏବଂ ହୃଦରୋଗର ଚିକିତ୍ସା ପାଇଁ ୧୨୦ ଜଣ ଶିଶୁ ଚିହ୍ନଟ

ପୁରୀ,୧୯।୮(ପି.ଏନ):ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲା ସହଜ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର ଠାରେ ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଅଗଷ୍ଟ ୧୮ ଓ ୧୯ତାରିଖରେ ୨ଦିନ ବ୍ୟାପି ଜନ୍ମଗତ ରୋଗ ଓ ଅପସ୍ମାର ବା ସ୍ନାୟୁଗତ ରୋଗ ତ୍ରୁଟି ପରୀକ୍ଷଣ ଓ ଚିକିତ୍ସା ପାଇଁ ପରାମର୍ଶ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଣୀ ଡାକ୍ତର ସୁଜାତା ମିଶ୍ର ଏବଂ ଅତିରିକ୍ତ ନିର୍ଦ୍ଦେଶକ(ବୈଷୟିକ) ଜାତୀୟ ସ୍ୱାସ୍ଥ୍ୟ ମିଶନ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡିଶା ଡାକ୍ତର ନିରୋଦ କୁମାର ସାହୁ ଆନୁଷ୍ଠାନିକଭାବେ ଉଦଘାଟନ କରି ନାରାୟଣ ହେଲ୍ଥର ଏସ ଆର ସି ସି ଚିଲଡ୍ରେନ ହସ୍ପିଟାଲ,ମୁମ୍ବାଇରୁ ଆସିଥିବା ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ପ୍ରଜ୍ଞା ଗାଡଗିଲ,ସ୍ନାୟୁ ଶଲ୍ୟ ଚିକିତ୍ସକ ଡାକ୍ତର ସୌରଭ କୁମାର ସାମନ୍ତରାୟ,ହୃଦରୋଗ ବିଶେଷଜ୍ଞ ଡାକ୍ତର ସୁପ୍ରତିମ ସେନଙ୍କୁ ଜିଲ୍ଲାର କୋଣ ଅନୁକୋଣରୁ ଆର ବି ଏସ କେ ଟିମ ମାଧ୍ୟମରେ ସ୍କ୍ରିନିଂ ହୋଇ ଆସିଥିବା ଶିଶୁମାନଙ୍କୁ ପରୀକ୍ଷଣ କରିବା ପାଇଁ ସ୍ୱାଗତ କରିଥିଲେ। ଏହି ଶିବିରରେ ପୁରୀ ଜିଲ୍ଲାର ୧୧ଟି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ୨୨ଟି ମୋବାଇଲ ହେଲ୍ଥ ଟିମ ଜରିଆରେ ଚିହ୍ନଟ ହୋଇଥିବା ଜନ୍ମରୁ ୧୮ବର୍ଷ ବୟସ ମଧ୍ୟରେ ମୋଟ ୧୨୦ଜଣ ଅପସ୍ମାର ଏବଂ ସ୍ନାୟୁଗତ ରୋଗ ପାଇଁ ୫୪ ଜଣ ଓ ହୃଦରୋଗ ପାଇଁ ୬୬ଜଣ ଶିଶୁଙ୍କର ପରୀକ୍ଷଣ କରାଯାଇଥିଲା। ସେଥି ମଧ୍ୟରୁ ୨୧ଜଣ ଶିଶୁ ଅପସ୍ମାର ବା ସ୍ନାୟୁଗତ ରୋଗ ପାଇଁ ଏବଂ ୪୨ଜଣ ଶିଶୁ ହୃଦରୋଗ ପାଇଁ ଉନ୍ନତ ଚିକିତ୍ସା ପାଇଁ ଚିହ୍ନଟ କରାଯାଇଛି। ପରବର୍ତି ପର୍ଯ୍ୟାୟରେ ଏହି ଶିଶୁମାନଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କର ଚିହ୍ନଟ ହୋଇଥିବା ରୋଗର ଚିକିତ୍ସା ପାଇଁ ଅନୁବନ୍ଧିତ ହୋଇଥିବା ବଡ ବଡ ଡାକ୍ତରଖାନାକୁ ପଠାଯାଇ ଚିକିତ୍ସା କରାଯିବ ବୋଲି ସୂଚନା ମିଳିଛି।

# ସ୍ୱପ୍ନକୁ ସାକାର କରୁଛି: 'ସ୍ୱମାନ' ଚାନ୍ଦୁଆ କାରିଗରଙ୍କୁ ସଶକ୍ତ କରୁଛି

ଭୁବନେଶ୍ୱର,(ପି.ଏନ): ଏକ ଅଗ୍ରଣୀ ମାଇକ୍ରୋଫାଇନାନ୍ସ ସଂସ୍ଥା ସ୍ୱମାନ ଫାଇନାନ୍ସିଆଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ ପୂର୍ବ ଓଡ଼ିଶାର ଜଣେ ଚାନ୍ଦୁଆ କାରିଗର ନିଳିମା ମଣ୍ଡଳଙ୍କର ଏକ ମଜାଦାର ସଫଳତା କାହାଣୀକୁ ନେଇ ଖୁସି ମନାଉଛି। ପାରମ୍ପରିକ କାରିଗରୀରୁ ଏକ ଫଳପ୍ରସୂ ଔଦ୍ୟୋଗିକତା ଆଡକୁ ଯାତ୍ରା ଆର୍ଥିକ ଅନ୍ତର୍ଭୁକ୍ତି ଏବଂ ସଶକ୍ତିକରଣ ନିମନ୍ତେ ସ୍ୱମାନର ପ୍ରତିବଦ୍ଧତାର ନିଦର୍ଶନ ହୋଇଛି।ଓଡ଼ିଶାର ସାଂସ୍କୃତିକ ରଙ୍ଗକୁ ଅତି ନିଖୁଣ ଭାବରେ ବୁଣାଯାଉଥିବା ଶହ ଶହ ବର୍ଷ ପୁରାତନ ଚାନ୍ଦୁଆର ଚଳଚଞ୍ଚଳ କଳାକୃତି ପ୍ରତି ନିଳିମା ବିଶେଷ ଭାବରେ ଆକୃଷ୍ଟ ହୋଇଥିଲେ। ନୈସର୍ଗିକ ରଥଗୁଡିକ ଦ୍ୱାରା ପ୍ରେରିତ ହୋଇ ସେ ସୃଜନଶୀଳତା ଏବଂ ଏକାଗ୍ର ମନୋନିବେଶ ଦିଗରେ ବ୍ୟକ୍ତିଗତ ଧ୍ୟାନ କେନ୍ଦ୍ରିତ କଲେ। ଏହି ପରମ୍ପରାକୁ ଏକ ତାଜା ଦୃଷ୍ଟିକୋଣ ଦେଇ ସେ ନିଜ ଦୃଷ୍ଟିଭଙ୍ଗୀକୁ ଏକ ନିର୍ଦ୍ଦିଷ୍ଟ ରୂପ ଦେଇଥବଲେ ଏବଂ ଅନନ୍ୟ ଚାନ୍ଦୁଆ ପ୍ରସ୍ତୁତ କଲେ ଯାହା ସର୍ବତ୍ର ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରିପାରିଲା। ତେବେ ନିଳିମାଙ୍କର ଔଦ୍ୟୋଗିକ ଆଗ୍ରହ ପାଇଁ ସମସ୍ୟା ଦେଖାଦେଲା, ଯେତେବେଳେ ତାଙ୍କ ସାମଗ୍ରୀର ଚାହିଦା ବୃଦ୍ଧିପାଇଲା। ତାଙ୍କ ନିକଟରେ ଥିବା ଏକମାତ୍ର ସିଲେଇ ମେସିନରେ ସେ ବର୍ଦ୍ଧିତ ଚାହିଦା ପୂରଣ କରିବା ସମ୍ଭବ ହୋଇପାରିଲା ନାହିଁ। ଅଭିବୃଦ୍ଧିର ଆବଶ୍ୟକତାକୁ ଅନୁଭବ କରି ନିଳିମା ସ୍ୱମାନ ଫାଇନାନ୍ସିଆଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡରେ ଜଣେ ଅଂଶୀଦାରଙ୍କ ସନ୍ଧାନ ପାଇଲେ, ଯାହା ସ୍ୱତନ୍ତ୍ର ଭାବରେ ଅଣୁଋଣ ସମାଧାନ ଏବଂ ସରଳ ପରିଶୋଧ ବ୍ୟବସ୍ଥା ଜରିଆରେ ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ସହାୟତା କରିବା ନିମନ୍ତେ ସୁପରିଚିତ। ସ୍ୱମାନ ନିଳିମାଙ୍କୁ ତାଙ୍କ ଯାତ୍ରାରେ ରୂପାନ୍ତରଣ ଆଣିବା ଦିଗରେ ସହାୟତା କଲା। ସେ ଅଣୁଋଣ ଆଣିବା ପରେ ଆଉ ଗୋଟିଏ ଟେଲରିଂ ମେସିନ କିଣି ଏବଂ ଉନ୍ନତ କଞ୍ଚାମାଲ ସଂଗ୍ରହ କରି ତାଙ୍କର ଯୋଗାଣ ଶୃଙ୍ଖଳକୁ ପରିବ୍ୟାପ୍ତ କଲେ। ପରିଣତିରେ ନିଳିମାଙ୍କ ଉତ୍ପାଦନ କ୍ଷମତା ଉଲ୍ଲେଖନୀୟ ଭାବରେ ବୃଦ୍ଧିପାଇଲା ଏବଂ ସେ ତାଙ୍କର ଚାନ୍ଦୁଆ ଲ୍ୟାମ୍ପଗୁଡିକର ବର୍ଦ୍ଧିତ ଚାହିଦା ପୂରଣ କରିବାକୁ ସମର୍ଥ ହେଲେ ଏବଂ ସେହି ସମୟରେ ନିଜର ସୃଜନଶୀଳତା ଏବଂ ସାଂସ୍କୃତିକ ଗଭୀରତାକୁ ପ୍ରତିଟି ଉତ୍ପାଦରେ ବଜାୟ ରଖିପାରିଲେ। ତାଙ୍କର ଔଦ୍ୟୋଗିକତା କେବଳ ଅର୍ଥନୈତିକ ଦୃଶ୍ୟପଟ୍ଟ ପ୍ରତି ଅବଦାନ ରଖୁନାହିଁ, ତାହାସହିତ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଧାରାର ସୁରକ୍ଷା ସହିତ ତାହାକୁ ଆଗେଇ ନେଉଛି। ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇ ନିଳିମା ମଣ୍ଡଳଙ୍କ ଆଶା ଆକାଂକ୍ଷା ସ୍ୱମାନର ଲକ୍ଷ୍ୟ ସହିତ ସଠିକ ମେଳ ଖାଉଛି। ତାଙ୍କର ଲକ୍ଷ୍ୟରେ ରହିଛି ଅଧିକ ଟେଲରିଂ ମେସିନ ଯୋଗାଡ କରି ନିଜର ବ୍ୟବସାୟକୁ ସମ୍ପ୍ରସାରିତ କରିବା, ଏହି ପ୍ରୟାସ କେବଳ ତାଙ୍କର ବ୍ୟବସାୟିକ ଅଭିବୃଦ୍ଧିକୁ ଆଗେଇନେବ ନାହିଁ, ତାହାସହିତ ତାଙ୍କ ସମୁଦାୟ ମଧ୍ୟରେ ମହିଳାଙ୍କ ପାଇଁ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟିକରିବ। ଏହି ସହଭାଗୀତା ସୁଲଭ୍ୟ ମାଇକ୍ରୋଫାଇନାନ୍ସର ବିପୁଳ ପ୍ରଭାବ, ସାମାଜିକ-ଅର୍ଥନୈତିକ ପ୍ରଗତିରେ ଏହାର ନିର୍ଣ୍ଣାୟକ ଭୂମିକା, ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖିବା ଏବଂ ବ୍ୟକ୍ତିଗତ ଆଶା ଆକାଂକ୍ଷାର ପରିପୋଷଣ ଆଦି କ୍ଷେତ୍ରରେ ପ୍ରଭାବକୁ ପ୍ରଦର୍ଶିତ କରୁଛି। ସ୍ୱମାନ ପ୍ରତି ନିଜର କୃତଜ୍ଞତା ପ୍ରକାଶ କରି ନିଳିମା କହିଛନ୍ତି, ନ୍ତମୋ ଉତ୍ପାଦର ଚାହିଦା ବୃଦ୍ଧି ପାଉଥିବାବେଳେ ତାହାକୁ ବଜାୟ ରଖିବା କଷ୍ଟକର ବୋଲି ମୁଁ ଲକ୍ଷ୍ୟକଲି। କାରବାର ବୃଦ୍ଧି କରିବା ନିମନ୍ତେ ମୋତେ ଆଉ ଗୋଟିଏ ମେସିନ ଦରକାର ଥିଲା, କିନ୍ତୁ ଆର୍ଥିକ ନିଅଣ୍ଟ ଏ କ୍ଷେତ୍ରରେ ପ୍ରତିବନ୍ଧକ ପାଲଟିଥିଲା। ମୋ ପରିବାର ମୋତେ ସ୍ୱମାନ ଫାଇନାନ୍ସିଆଲ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ ସହିତ ପରିଚିତ କରାଇଲେ, ଯାହା ଗ୍ରାମୀଳ ମହିଳା ଉଦ୍ୟୋଗୀଙ୍କୁ ଅଣୁ ଋଣ ଯୋଗାଇ ଦେଉଛି। ସେମାନଙ୍କର ସାପ୍ତାହିକ ପରିଶୋଧ ବ୍ୟବସ୍ଥା ଏହି ଋଣ ଆଣିବାକୁ ସୁଲଭ କରିବା ସହିତ ମୁଁ ଆବଶ୍ୟକ କରୁଥିବା ଆଉ ଗୋଟିଏ ମେସିନ କଣିବାକୁ ମୋତେ ସମର୍ଥ କରାଇଥିଲା। ମୋର ଔଦ୍ୟୋଗିକ ଯାତ୍ରାରେ ସ୍ୱମାନ ଯୋଗାଇ ଦେଇଥିବା ସମର୍ଥନ ପାଇଁ ବାସ୍ତବରେ ମୁଁ କୃତଜ୍ଞ।ନ୍ତ

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray